ଟିପ୍ପଣୀ

# ଏକକ – ୪ ଭାବନା / ଚିନ୍ତନ ଦକ୍ଷତାର ବିକାଶ

**ସଂରଚନା**


୪.୧. ଉପକ୍ରମ

୪.୨. ଶିକ୍ଷଣ ଉଦ୍ଦେଶ୍ୟ

୪.୩. ପିଲାଟିର ଭାବନା / ଚିନ୍ତନ ଦକ୍ଷତାର ବିକାଶ କାହିଁକି କରିବା ?

୪.୪. ଭାବନା ଚିନ୍ତନ ଶକ୍ତିକୁ ସୁଗମ କରିବାର ସ୍ତର, ପ୍ରକାର ଏବଂ ସାଧନୀ

୪.୫. ସମାଲୋଚନାତ୍ମକ, ଏକାଭିମୁଖୀ ଏବଂ ବିସ୍ତାରିତ ଭାବନା / ଚିନ୍ତନର ବିକାଶ

୪.୬. ଶିଶୁକୁ ଯୁକ୍ତିସଂଗତ ନିଷ୍ପତ୍ତି ନେବାକୁ ସକ୍ଷମ କରିବା ।

୪.୭. ଶ୍ରେଣୀ ଗୃହରେ ଶିକ୍ଷାର୍ଥୀମାନଙ୍କର ପ୍ରଶ୍ନ କରିବା କୌଶଳ ବୃଦ୍ଧି କରିବା

୪.୮. ଚିନ୍ତନ କୌଶଳର ବିକାଶରେ ବିଦ୍ୟାଳୟ ଏବଂ ଶିକ୍ଷକଙ୍କ ଭୂମିକା :

୪.୯. ସାରାଂଶ

୪.୧୦. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୪.୧୧. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ

୪.୧୨. ପାଠାନ୍ତ ପ୍ରଶ୍ନାବଳୀ


## ୪.୧. ଉପକ୍ରମ :

"ଚିନ୍ତନ /ହେଉଛି ଏକ କଠିନତମ କାର୍ଯ୍ୟ , ଏହି କାରଣ ଯୋଗୁଁ ସମ୍ଭବତଃ ଏଥିରେ ବହୁତ କମ୍ ଜଣ ନିଜକୁ ନିୟୋଜିତ କରନ୍ତି ।" - ହେନେରୀ ଫୋର୍ଡ୍

Gerettଙ୍କ ଅନୁସାରେ : ଚିନ୍ତନ ହେଉଛି ଗୋଟିଏ ବ୍ୟବହାର ଯାହା ଅଧିକାଂଶ ସମୟରେ ଅନ୍ତର୍ନିହିତ ଏବଂ ଲୁକାୟିତ ଯେଉଁଥିରେ ସଂକେତ ଗୁଡିକ (ଭାବନା,କଳ୍ପନା ଓ ଧାରଣା ) ସାଧାରଣତଃ ସନ୍ନିବେଶିତ ହୋଇରହିଥାଏ ।

ଉପରୋକ୍ତ ସଂଜ୍ଞାକୁ ଆଧାର କଲେ, ଏହା ସ୍ପଷ୍ଟ ହେଉଛି ଯେ ଚିନ୍ତନ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତରେ ଦେଖାଯାଉଥିବା ଘଟଣାବଳୀ ଗୁଡିକ ଅଭ୍ୟନ୍ତରୀଣ ବା ନିଜ ମନ ମଧ୍ୟରେ ବିଦ୍ୟମାନ ହେବାକୁ ବୁଝାଇଥାଏ ବ୍ୟକ୍ତି ଦ୍ୱାରା ସିଧାସଳଖ ଭାବେ ପର୍ଯ୍ୟବେକ୍ଷଣ/ ଅଭିଜ୍ଞତା ସହିତ ସମ୍ପର୍କିତ ହୋଇନଥିବା ଘଟଣା / ଜିନିଷ ସହିତ ମଧ ଏହା ସମ୍ପୃକ୍ତ ହୋଇପାରେ । ଅନ୍ୟ ସଂଜ୍ଞାକୁ ତର୍ଜମା କଲେ, ଆମକୁ ଏହି ସୂଚନା ମିଳେ ଯେ; ଏହା ଗୋଟିଏ ବ୍ୟବହାର / ଆଚରଣଗତ ଚିନ୍ତନ / ଭାବନା ,ଯାହାକି

ଗୋଟିଏ ଆସନ୍ନ ସମସ୍ୟାର ସମାଧାନକୁ ଖୋଜିବାରେ ବାଟଦେଖାଏ ।

ଚିନ୍ତନ ପ୍ରକ୍ରିୟାରେ ବିଭିନ୍ନ ଅର୍ନ୍ତଭୁକ୍ତ ଉପାଦାନ ଗୁଡିକ ହେଲା : - ସଂକେତ, ପ୍ରତୀକ, ଧାରଣା, ପେଶୀୟ କାର୍ଯ୍ୟକଳାପ, ଭାଷା, କଳ୍ପନା, ଅଭିଜ୍ଞତା ,ଆତ୍ମୀୟତା ଏବଂ ମାନସିକ କାର୍ଯ୍ୟ ସମ୍ପାଦନ ଇତ୍ୟାଦି । ଗୋଟିଏ ଲୋକର ଚିନ୍ତନ ବିଭିନ୍ନ ଉପାଦାନ ଦ୍ୱାରା ପ୍ରଭାବିତ ହୋଇଥାଏ, ଯଥା - ବିଚାର କରିବାର ପ୍ରକୃତି, ମାନସିକ ବିନ୍ୟାସ, ମନୋବୃତ୍ତି ମୂଲ୍ୟବୋଧ, ଆଗ୍ରହ, ଆବଶ୍ୟକତା, ଅଭ୍ୟା. ସମଯୋଜନ, ପରିବାର ଏବଂ ବିଦ୍ୟାଳୟ ପରିବେଶ, ବୃଦ୍ଧି ଏବଂ ବିକାଶର ସ୍ତର, ବ୍ୟକ୍ତିତ୍ୱ ଉପାଦାନ, ମାନସିକ ସୁସ୍ଥତା, ପ୍ରେରଣା ଏବଂ ବ୍ୟକ୍ତିର ଆବେଗ ଇତ୍ୟାଦି । ଏହି ୟୁନିଟରେ ଚିନ୍ତନ / ଭାବନା ଦକ୍ଷତା ସମ୍ପର୍କିତ ବିଭିନ୍ନ ଦୃଷ୍ଟିକୋଣ ଯଥା ପିଲାମାନଙ୍କର ଚିନ୍ତନ ଦକ୍ଷତା ବିକାଶର ଆବଶ୍ୟକତା ଏବଂ ଗୁରୁତ୍ୱ, ଚିନ୍ତନର ପ୍ରକାର ଭେଦ, ସମାଲୋଚନାତ୍ମକ ଏବଂ ସୃଜନାତ୍ମକ ଚିନ୍ତନ ମଧ୍ୟରେ ପାର୍ଥକ୍ୟ, ଯୁକ୍ତିସଙ୍ଗତ ନିଷ୍ପତି ଗ୍ରହଣ ଦକ୍ଷତାର ସ୍ତର ଏବଂ ପିଲାମାନଙ୍କ ମଧ୍ୟରେ ପ୍ରଶ୍ନ ତିଆରି କରିବା ଦକ୍ଷତାର ବିକାଶ କରିବା ଇତ୍ୟାଦି ଆଲୋଚନା କରାଯାଇଛି ।

## ୪.୨. ଶିକ୍ଷଣ ଉଦ୍ଦେଶ୍ୟ :

ଏହି ଏକକଟି ପଢିସାରିବା ପରେ, ତୁମେ

- ପିଲାମାନଙ୍କର ଚିନ୍ତନ ଦକ୍ଷତା ବିକାଶର ଆବଶ୍ୟକତାକୁ ବର୍ଣ୍ଣନା କରିପାରିବେ ।
- ଏକାଭିମୁଖୀ ଏବଂ ବିସ୍ତାରିତ ଚିନ୍ତନ ମଧ୍ୟରେ ଥିବା ପାର୍ଥକ ଦର୍ଶାଇପାରିବେ ।
- ଶୈକ୍ଷିକ ସଫଳତା ପାଇଁ ସମାଲୋଚାତ୍ମକ ଚିନ୍ତନର ଗୁରୁତ୍ୱକୁ ପ୍ରତିପାଦନ କରିପାରିବେ ।
- ବିଚାରବନ୍ତ / ଯୁକ୍ତିସଙ୍ଗତ ନିଷ୍ପତ୍ତି ନେବାର ସ୍ତରଗୁଡିକ ବିଷୟରେ ବର୍ଣ୍ଣନା କରିପାରିବେ ।
- ପିଲାମାନଙ୍କର ପ୍ରଶ୍ନ କରିବାର ଦକ୍ଷତା ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ।
- ଶ୍ରେଣୀ କକ୍ଷରେ ପିଲାମାନଙ୍କର ଚିନ୍ତନ ଦକ୍ଷତାର ଅଭିବୃଦ୍ଧି ଏବଂ ଉପଯୁକ୍ତ ଶିକ୍ଷଣ ଶିକ୍ଷାଦାନ ଉପକରଣକୁ ପ୍ରସ୍ତୁତ ଏବଂ ବ୍ୟବହାର କରିବା ।

## ୪.୩. ପିଲାଟିର ଚିନ୍ତନ / ଭାବନା ଦକ୍ଷତାର ବିକାଶ କାହିଁକି କରିବା ?

"Think Better To Be Better"

ଗୋଟିଏ ଦେଶର ଉତ୍ତମ ନାଗରିକ ହେବା କିମ୍ବା ବିଶ୍ୱ କାର୍ଯ୍ୟର ଆବଶ୍ୟକତାକୁ ପୂରଣ କରିବା କିମ୍ବା ମାନବ ସାମର୍ଥ୍ୟର ଉପଯୋଗ କରିବା ଇତ୍ୟାଦି ଗୋଟିଏ ଶିକ୍ଷିତ ଲୋକର ଦାୟିତ୍ୱ / କର୍ତ୍ତବ୍ୟ ନୁହେଁ । ଅନିଶ୍ଚିତ ଭବିଷ୍ୟତକୁ ମୁକାବିଲା କରିବା ପାଇଁ ପିଲାମାନଙ୍କ ପାଖରେ ବିଭିନ୍ନ ସ୍ତରର ଦକ୍ଷତାର ଅଧିକାରୀ ହେବା ଦରକାର । ଏହି ଯୁଗର ଲୋକମାନେ ସେମାନଙ୍କର ଜୀବନକାଳ ମଧ୍ୟରେ ବିଭିନ୍ନ ସମୟରେ ବିବିଧ ପ୍ରସଙ୍ଗର ବିବିଧ ପ୍ରକାର ସମସ୍ୟା ସହିତ ଅନାଦୃତ ହୋଇ ରହୁଛନ୍ତି । ବର୍ତ୍ତମାନ ସମୟରେ ନିଯୁକ୍ତି କ୍ଷେତ୍ର ସହିତ ସମାଜ ମଧ୍ୟ ଏପରି ବ୍ୟକ୍ତିର ଖୋଜବାରେ ଅଛି ଯିଏ କି ନୂତନ ଜ୍ଞାନ ଏବଂ ପ୍ରକ୍ରିୟା ଉତ୍ପାଦାନକୁ ବୁଝିବା, ବିଚାର

ଟିପ୍ପଣୀ

କରିବା ସହିତ ଏଥିରେ ଅଂଶଗ୍ରହଣ କରିପାରୁଥିବେ । ବିକାଶଶୀଳ ଦେଶ ଏଭଳି ନାଗରିକର ଆବଶ୍ୟକତା କରୁଛି ଯିଏକି ଏହାର ବ୍ୟବହାର କରି ବହୁଗୁଡିଏ ଉସରୁ ତଥ୍ୟ ସଂଗ୍ରହ କରିପାରୁଥିବ, ଏହାର ସତ୍ୟାସତ୍ୟତାକୁ ନିର୍ଦ୍ଧାରଣ କରିପାରୁଥିବ ଏବଂ ଗୋଟିଏ ସୁସ୍ଥ ବିଚାର କରିପାରୁଥିବ । ସମସ୍ତ ଶିକ୍ଷାବିତ୍‌ଙ୍କ ପାଇଁ ବାସ୍ତବିକ ଲକ୍ଷ୍ୟ ସାଧନ ହେଉଛି ଏପରି ଏକ ଶୈକ୍ଷିକ କାର୍ଯ୍ୟକ୍ରମ ଉପଯୋଗ ହେବା ଉଚିତ୍ ଯାହାକି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଫଳପ୍ରଦ ଚିନ୍ତନ / ଭାବୁକ ହେବା ପାଇଁ ସାମର୍ଥ୍ୟ କରାଇପାରିବ ।

## ୪.୩.୧. ଚିନ୍ତନ / ଭାବନା ଦକ୍ଷତାଗୁଡିକ କ'ଣ ?

ଚିନ୍ତନ ଦକ୍ଷତା ହେଉଛି ଏକ ମାନସିକ ପ୍ରକ୍ରିୟା, ଯେତେବେଳେ ଆମେ ଅନୁଭୂତିର ତାତ୍ପର୍ଯ୍ୟ ପ୍ରସ୍ତୁତିର ଅନ୍ୱେଷଣରେ ଥାଉ ସେତେବେଳେ ଆମେ ଏହାର ପ୍ରୟୋଗ କରିଥାଉ । ଏହା ଏକ ମାନବ ଦକ୍ଷତା ଯେଉଁଟାକି ସଚେତନ ମାଧମରେ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ହାସଲ କରିବାପାଇଁ ଚିନ୍ତାକରିବାର ପ୍ରକ୍ରିୟାକୁ ସୂଚିତ କରିଥାଏ । ଏହି ପ୍ରକ୍ରିୟାଗୁଡିକ ମନେରଖିବା, ପ୍ରଶ୍ନପଚାରିବା, ଧାରଣା ପ୍ରସ୍ତୁତି କରିବା, ଯୋଜନା, ଯୁକ୍ତି, କଳ୍ପନା, ସମସ୍ୟା ସମାଧାନ ନିଷ୍ପତ୍ତି ନେବା ଏବଂ ବିଚାର କରିବା, ଭାବନାକୁ ଶବ୍ଦରେ ପରିଣତ କରିବା ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରୁଛି । ବିଭିନ୍ନ ପ୍ରକାର ଭାବନା ପାଇଁ ଚିନ୍ତନ କୌଶଳ ହେଉଛି ଏପରି ଏକ ବ୍ୟବହାରିକ ସାମର୍ଥ୍ୟ ଯାହାକୁ ଅଳ୍ପ ବହୁତେ ଫଳପ୍ରଦ ଓ ଦକ୍ଷତାପୂର୍ଣ୍ଣ ରୂପେ ବିସ୍ତର କରାଯାଇପାରିବ । ଅଭ୍ୟାସ ଦ୍ୱାରା ମଧ ଲୋକମାନଙ୍କର ବୁଦ୍ଧିମାନ ଆଚରଣ ଶିକ୍ଷଣର ପ୍ରବୃତ୍ତି ଦେଖିବାକୁ ମିଳିଥାଏ, ଉଦାହରଣ ସ୍ୱରୂପ ଯଦି ଗୋଟିଏ ପିଲା ବାରମ୍ବାର ଅଭ୍ୟାସ କରିବ ତେବେ ସେ ଉତ୍ତମ ବିଚାରବନ୍ତ ଉତ୍ତର ଦେବା ସହିତ ପ୍ରଶ୍ନ ପଚାରିବାର ସାମର୍ଥ୍ୟତାର ବିକାଶ ହାସଲ କରିପାରିବ ।

ଅଧିକାଂଶ ଗବେଷକ ମଧ ମାନବ ଚିନ୍ତନରେ ଥିବା ମୁଖ୍ୟ ଦକ୍ଷତା ଗୁଡିକ ସୂଚିତ କରିବା ପାଇଁ ପ୍ରୟାସ କରିଛନ୍ତି । ସେଗୁଡିକ ମଧ୍ୟରୁ ସୁପ୍ରସିଦ୍ଧ / ବିଖ୍ୟାତ ଦକ୍ଷତା ହେଉଛି " Bloom's Taxnomony ", ଜ୍ଞାନ , ବୋଧ ଏବଂ ପ୍ରୟୋଗ ହେଉଛି ଆଧାର / ନିମ୍ନତର ସ୍ତରର ଚିନ୍ତନ ଦକ୍ଷତା ( lower order thinking skills) ଏବଂ ବିଶ୍ଳେଷଣ ସଂଶ୍ଳେଷଣ, ମୂଲ୍ୟାୟନ ହେଉଛି ଉଚ୍ଚତମ ସ୍ତରର ଚିନ୍ତନ ଦକ୍ଷତା(Higher order thinking skills).

## ୪.୩.୨. ପିଲାର ଭାବନା / ଚିନ୍ତନ ଦକ୍ଷତା ବିକାଶର ଆବଶ୍ୟକତା ଏବଂ ଗୁରୁତ୍ୱ

ଚିନ୍ତନ ଦକ୍ଷତା ଆମର ଅନୁଭୂତିରୁ ଶିକ୍ଷଣ ପାଇଁ ଆମକୁ ସାମର୍ଥ୍ୟ କରିଥାଏ ଏବଂ ଆମର ବିଚାର / ବୁଦ୍ଧିଶକ୍ତିକୁ ଉପଯୋଗ କରିବାପାଇଁ ମଧ ସାହାଯ୍ୟ କରିଥାଏ । ଚିନ୍ତନ ଦକ୍ଷତାର ଗୁଣାତ୍ମକ ମାନବୃଦ୍ଧି ଉତ୍ତମ ଶିକ୍ଷଣ ସହିତ ପ୍ରତ୍ୟକ୍ଷ ଭାବେ ସଂଯୋଗ ସୃଷ୍ଟି କରିଥାଏ ଏବଂ ଏହାଦ୍ୱାରା ସମାଜର ଉନ୍ନତି ମଧ ବହୁଳ ପରିମାଣରେ ସମ୍ଭବପର ହୋଇଥାଏ ।

Mike Fleethanଙ୍କ ଅନୁସାରେ, ବର୍ତ୍ତମାନ ଯୁଗରେ କୌଣସି ସ୍ଥାୟୀ ଦକ୍ଷତା କିମ୍ବା ଜ୍ଞାନ ଠାରୁ ଚିନ୍ତନ ଦକ୍ଷତାର ଅଭିବୃଦ୍ଧି ହେଉଛି ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ଆମେ ଏବେ ସମସ୍ୟା ସମାଧାନ କର୍ତ୍ତା, ନିଷ୍ପତ୍ତି ନିର୍ମାତା ଏବଂ ନବପ୍ରବର୍ତ୍ତକଙ୍କର ଆବଶ୍ୟକତାକୁ ହୃଦୟଙ୍ଗମ କରୁଛୁ ଏବଂ ସେମାନଙ୍କର ଉତ୍ପାଦନ ପାଇଁ ଆମେ ନୂତନ ଶିକ୍ଷାଦାନ ଏବଂ ଶିକ୍ଷଣ ମାଧମ ଗ୍ରହଣ କରିବାପାଇଁ ପଡିବ । ଆମ ପିଲାମାନଙ୍କୁ ସେମାନଙ୍କ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ପଡିବ, ଅତୀତ ପାଇଁ ନୁହେଁ । ଗୋଟିଏ ମଣିଷ ଯିଏକି ଅଧିକ ପାରଦର୍ଶୀ, କେବଳ ଯେ ଜଣେ ତଥ୍ୟ ଗ୍ରହଣକାରୀ ଚିନ୍ତକ ତାହା ନୁହେଁ ବରଂ ସେ ହସ୍ତ କୋମଳଯୁକ୍ତ ଏବଂ ତଥ୍ୟ ବିଚାରକ ଏବଂ

ଟିପ୍ପଣୀ

ସାଧାରଣତଃ ଜଣେ ଅନୁସନ୍ଧାନକର୍ତ୍ତା ଏବଂ ତଥ୍ୟ ସୃଷ୍ଟିକର୍ତ୍ତା ହୋଇପାରିବା ।

ସାଧାରଣତଃ ମନୁଷ୍ୟମାନଙ୍କର ମସ୍ତିଷ୍କର ବିକାଶ ଆଦ୍ୟବାଲ୍ୟାବସ୍ଥାରେ ହୋଇଯାଇଥାଏ । ୬ ବର୍ଷ ବୟସ ବେଳକୁ ପିଲାମାନଙ୍କର ମସ୍ତିଷ୍କ ଆକାର ପ୍ରାୟତଃ  ପ୍ରୌଢ ବୟସ୍କ ପିଲାମାନଙ୍କର ମସ୍ତିଷ୍କ ଆକାର ଭଳି ଯଦି ଯଥା- ୯୦% ହୋଇଯାଇଥାଏ । ଏହା ଉପଲକ୍ଷିତ ହେଉଛି ଯେ, ପିଲାମାନଙ୍କର ବାଲ୍ୟ ଅବସ୍ଥାରେ ଏହି ଦକ୍ଷତାର ବୃଦ୍ଧି କରିବା ଅତ୍ୟନ୍ତ ଫଳପ୍ରଦ ହେବ, ଯେତେବେଳେ ସେମାନଙ୍କର ମସ୍ତିଷ୍କର ବିକାଶ ପ୍ରଗତିଶୀଳ ସ୍ତରରେ ଥାଏ । ଏହି ସମୟରେ ପିଲାମାନଙ୍କ ମସ୍ତିଷ୍କ କିପରି କାର୍ଯ୍ୟ କରୁଛି ତାହା ଜାଣିବା ପାଇଁ ସେମାନଙ୍କର ଚିନ୍ତନ ଓ ଶିକ୍ଷଣ ଦକ୍ଷତା ବୃଦ୍ଧି ମାଧ୍ୟମରେ ସେମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଏବଂ ସେମାନଙ୍କର କେତେ ଶିକ୍ଷଣ ହେଉଛି ଏବଂ ସେହି ନିର୍ଦ୍ଦିଷ୍ଟ ହସ୍ତକ୍ଷେପ ପିଲାମାନଙ୍କର ଚିନ୍ତନ ଏବଂ ବୁଦ୍ଧିଶକ୍ତିର ବିକାଶରେ ସାହାଯ୍ୟ କରିବ । ଯଦି ପିଲାମାନେ ସେମାନଙ୍କର ଚିନ୍ତନ ଦ୍ୱାରା ଶିକ୍ଷଣକୁ ଅଧିକ ଫଳପ୍ରଦ କରିପାରୁଛନ୍ତି ତେବେ ସେମାନଙ୍କର ଚିନ୍ତନ ଦକ୍ଷତାର ବିକାଶ ସେମାନଙ୍କୁ ସେମାନଙ୍କର ଜୀବନ ଏବଂ ଶିକ୍ଷଣରୁ ଅଧିକ ଲକ୍ଷ୍ୟ ହାସଲ କରିବା ପାଇଁ ସାହାଯ୍ୟ କରିବ । ଗୋଟିଏ ଚିନ୍ତନ ଦକ୍ଷତା ସୂଚନା ଦେଉଛି ଯେ ଜଣେ ଶିକ୍ଷାର୍ଥୀ ନିଜ ମଧ୍ୟରେ ଜଣେ ଚିନ୍ତନ ଏବଂ ଶିକ୍ଷାର୍ଥୀ ଭାବେ ସଚେତନ ମନୋବୃତ୍ତିର ବିକାଶ କରିବ । ଜୀବନ ବ୍ୟାପୀ ଶିକ୍ଷଣ ପାଇଁ ଆବଶ୍ୟକ ହେଉଥିବା ବୁଦ୍ଧିମାନ ବ୍ୟବହାରର ନିୟମିତ ଅଭ୍ୟାସର ବିକାଶ ଏବଂ ଫଳପ୍ରଦ ଚିନ୍ତନ ପାଇଁ କୌଶଳ ଅଭ୍ୟାସ କରିବା ଦରକାର ।

**ନିଜ ଅଗ୍ରଗତିର ଆକଳନ : ୧**

Bloom's Taxnomony ଅନୁସାରେ ନିମ୍ନସ୍ତରରେ ଚିନ୍ତନ ଦକ୍ଷତା (lower order thinking skills )

ଏବଂ ଉଚ୍ଚତର ସ୍ତରର ଚିନ୍ତନ ଦକ୍ଷତା (Higher order thinking skill ) ର ନାମ ଲେଖ ।

---------------------------------------------------------

---------------------------------------------------------

### ୪.୪. ଚିନ୍ତନ / ଭାବନା ଶକ୍ତିକୁ ସୁଗମ କରିବାର ସ୍ତର, ପ୍ରକାର ଏବଂ ସାଧନୀ

#### ୪.୪.୧. ଚିନ୍ତନର ସ୍ତର :

ଗବେଷଣା ସିଦ୍ଧାନ୍ତ ସୂଚିତ କରୁଛି ଯେ ଜଣେ ବ୍ୟକ୍ତିର ବୃଦ୍ଧି ଓ ବିକାଶ ସହିତ ଚିନ୍ତନ ସାମର୍ଥ୍ୟର ସମ୍ବନ୍ଧ ଅଛି । ଗୋଟିଏ ବୟସ୍କ ବ୍ୟକ୍ତିର ଅମୂର୍ତ୍ତ ଚିନ୍ତନର ସାମର୍ଥ୍ୟ ଯେପରି ଥାଏ ସେହିପରି ଭାବେ ଛୋଟ ପିଲାଟି ତାର ଅମୂର୍ତ୍ତ ଚିନ୍ତନ ଦକ୍ଷତାକୁ ଅଧିକ ମାତ୍ରାରେ ବ୍ୟବହାର କରିଥାଏ । ଜନ୍ ପିଆଜେ, ବ୍ରୁନର ଏବଂ ସୂଚନା ପ୍ରକ୍ରିୟାକରଣ / ପ୍ରଣାଳୀ ତତ୍ତ୍ୱରେ ଚିନ୍ତନର ବିକାଶକୁ ବିଭିନ୍ନ ପର୍ଯ୍ୟାୟରେ ବର୍ଣ୍ଣନା କରାଯାଇଛି ।

#### ୪.୪.୧.୧. ପିଆଜେଙ୍କ ତତ୍ତ୍ୱ:-

ବୌଦ୍ଧିକ ବିକାଶର ପର୍ଯ୍ୟାୟ ଦ୍ୱାରା ଜ୍ୟା ପିଆଜେ (Jean Piaget) ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ଚିନ୍ତନର ବିକାଶକୁ ସନ୍ତୋଷଜନକ ଭାବେ ବର୍ଣ୍ଣନା କରିବାକୁ ଚେଷ୍ଟା କରିଛନ୍ତି । ପିଆଜେଙ୍କ ମତ ଅନୁସାରେ ଉପଯୋଗୀକରଣ (Adaptation) ବୌଦ୍ଧିକ ବିକାଶର ଅନ୍ତର୍ଭୁକ୍ତ । ଉପଯୋଗୀକରଣ(Adaptation) ହେଉଛି ବିଶ୍ୱ ସହିତ ସିଧାସଳଖ ପାରସ୍ପରିକ କ୍ରିୟା କରିବାଦ୍ୱାରା ଏହାର ମାନସିକ ପ୍ରତିନିଧିତ୍ୱ ପ୍ରସ୍ତୁତି କରିବାର ପ୍ରକ୍ରିୟା । ଉପଯୋଗୀକରଣର ୨ଟି ମୁଖ୍ୟ ଉପାଦାନ ହେଉଛି:- ନିଜସ୍ୱୀକରଣ (Assimilation) ଏବଂ

ଉପଯୋଜନ(Accommodation) । ନିଜସ୍ୱୀକରଣ ହେଉଛି ଏକ ପ୍ରବୃତ୍ତି ଯାହାକି ନୂତନ ତଥ୍ୟକୁ ପ୍ରଚଳିତ ମାନସିକ ଆଧାର / ଗଠନ ଦ୍ୱାରା ବିଶ୍ୱକୁ ବୁଝିବା ।

ଉପଯୋଜନ(Accommodation) ହେଉଛି ଏକ ପ୍ରବୃତ୍ତି ଯାହାକି ବାହାର ଦୁନିଆ ନୂତନ ଚିହ୍ନାହୋଇପାରୁଥିବା ପରିସର ଏବଂ ନୂତନ ତଥ୍ୟକୁ ଅନୁକ୍ରିୟା ହେବାପାଇଁ ପ୍ରଚଳିତ ଧାରଣା / ମାନସିକ ଆଧାରକୁ ପରିବର୍ତ୍ତନ କରିବା । ପିଆଜେ ମତ ପ୍ରକାଶ କରିଛନ୍ତି ଯେ ଏହି ୨ଟି ଉପାଦାନ ମଧ୍ୟରେ ଥିବା ଉତ୍ତେଜନା ଉପଯୋଗୀକରଣ ଏବଂ ବୌଦ୍ଧିକ ବିକାଶ ସକ୍ରିୟ କରୁଛି ।

ବୌଦ୍ଧିକ ବିକାଶର ପର୍ଯ୍ୟାୟଗୁଡିକ ହେଉଛି :

**– ସଂବେଦୀ ପ୍ରେରକ ପର୍ଯ୍ୟାୟ** (A Sensory Mortor Stage)

ଶିଶୁମାନେ ଧୀରେ ଧୀରେ ବାହାର ଦୁନିଆ ଏବଂ ସେମାନଙ୍କ କାର୍ଯ୍ୟଗୁଡିକ ମଧ୍ୟରେ ଥିବା ସମ୍ପର୍କରେ ବିଷୟରେ ଧାରଣା ପାଇଥାନ୍ତି । ସେମାନଙ୍କର ଆକସ୍ମିକ ଜ୍ଞାନ ଉଦ୍ରେକ ହୁଏ ଯେ ସେମାନେ ଜିନିଷଗୁଡିକୁ କୌଶଳ ପୂର୍ବକ ଚଳାଇ ନେବାର ଦକ୍ଷତା ଆସେ । ସେମାନେ ମାଂସପେଶୀୟ କାର୍ଯ୍ୟ ଏବଂ ସଂବେଦନାତ୍ମକ ଧାରଣା ଦ୍ୱାରା ବିଶ୍ୱକୁ ଜାଣନ୍ତି । ଆଚରଣର ପୁନରାବୃତ୍ତି ମାଧ୍ୟମରେ ସେ ନିଜ ପରିବେଶର ବିଭିନ୍ନ ବସ୍ତୁ, ଘଟଣା ଓ ବ୍ୟକ୍ତିଙ୍କୁ ଚିହ୍ନିବା ଓ ଜାଣିବା ଆରମ୍ଭ କରେ । ଏହି ପର୍ଯ୍ୟାୟରେ ବୌଦ୍ଧିକ ବିକାଶର ତିନୋଟି ବିଶେଷ ଲକ୍ଷଣ ହେଉଛି:- (୧) ବସ୍ତୁର ସ୍ଥାୟିତ୍ୱ ବିଷୟରେ ଜାଣିବା ଆରମ୍ଭ କରିବା, (୨) କାରଣ ଓ ଫଳାଫଳ ଜାଣିବା ଓ (୩) ଅନୁକରଣ କରିବା ଆରମ୍ଭ କରେ ।

**ପ୍ରାକ୍ ସଂକାର୍ଯ୍ୟଧର୍ମୀ ପର୍ଯ୍ୟାୟ**(Preparational Stage):

ଏହି ପର୍ଯ୍ୟାୟରେ ପିଲାମାନେ ଜିନିଷ ଏବଂ ଘଟଣାବୁଡିକର ମାନସିକ କାଳ୍ପିତ ରୁପରେଖରେ ପରିଣତ କରିବା ସାମର୍ଥ୍ୟ ହାସଲ କରିଥାନ୍ତି । ସେମାନେ ଶାବ୍ଦିକ ସଙ୍କେତ ଅନୁସାରେ ଚିନ୍ତା କରିବାକୁ ଆରମ୍ଭ କରନ୍ତି । ଏହି ପର୍ଯ୍ୟାୟରେ କଥୋପକଥନ ଓ ଚିନ୍ତାଧାରା ଆତ୍ମକୈନ୍ଦ୍ରିକ ଥାଏ । ସେ ଯାହା ଦେଖେ ଉପଲବ୍ଧିକରେ ସେହି ଅନୁସାରେ ଚିନ୍ତାକରେ । ସେ ଅନ୍ୟମାନଙ୍କ ଦୃଷ୍ଟିକୋଣ ବୁଝିପାରେ ନାହିଁ । ତେଣୁ ସେ ବିଚାର କରେ ଯେ ସେ ନିଜେ ଯାହା ଭାବୁଅଛି ଅନ୍ୟମାନେ ମଧ୍ୟ ସେହିପରି ଭାବୁଛନ୍ତି । ଏହି ପର୍ଯ୍ୟାୟରେ ଶିଶୁ ବିଶ୍ୱାସ କରେ ଯେ ଯାହା ଗତିଶୀଳ ତାହା ସଜୀବ ବା ଜୀବନ୍ତ ଯାହା ଗତିଶୀଳ ନୁହେଁ ତାହା ଜୀବନ୍ତ ନୁହେଁ । ଚିନ୍ତନକୁ ବିପରୀତ ଭାବରେ ବଦଳାଇବାରେ ଅସମର୍ଥ ହୋଇଥାଏ ।

**– ମୂର୍ତ୍ତ ସଂକାର୍ଯ୍ୟଧର୍ମୀ ପର୍ଯ୍ୟାୟ** (Concrete operational stage) :-

ସଂରକ୍ଷଣରେ ପାରଙ୍ଗମତାର ସହିତ ଏହି ମୂର୍ତ୍ତ ସଂକାର୍ଯ୍ୟ ଧର୍ମୀ ପର୍ଯ୍ୟାୟର ଆରମ୍ଭ ହୋଇଥାଏ । ଏହି ପର୍ଯ୍ୟାୟର ଆରମ୍ଭରେ ପିଲାମାନେ ସାଧାରଣତଃ ପୌଢ଼ / ବୟସ୍କ ବ୍ୟକ୍ତିଙ୍କ ଭଳି ଚିନ୍ତା କରିଥାନ୍ତି । ସେମାନେ ମଧ୍ୟ ସମ୍ବନ୍ଧନାତ୍ମକ କାର୍ଯକଳାପ ଏବଂ ଏହାର ଗୁରୁତ୍ୱକୁ ବୁଝିପାରନ୍ତି । ଏହି ପର୍ଯ୍ୟାୟରେ ମନନଶୀଳ ଚିନ୍ତନ(Reflective thinking): ଏହା ସମାଲୋଚନାତ୍ମ ଚିନ୍ତନ ପ୍ରକ୍ରିୟାର ଏକ ଅଂଶ । ସାଧାରଣତଃ ଏହି ପ୍ରକ୍ରିୟା "କ'ଣ ଘଟିଛି", ଏହି ବିଷୟରେ ବିଶ୍ଲେଷଣ କରି ତାହା ଉପରେ ବିଚାର କରିଥାଏ । Dewey (1933) ଙ୍କ ମତରେ ମନନଶୀଳ ଚିନ୍ତନ ହେଉଛି ଏକ ସକ୍ରିୟ, ଦୃଢତା ଏବଂ ଧାରଣାର ସତର୍କ ବିଚାର / ଜ୍ଞାନର ତଥାକଥିତ ଆକାର, ସେହି ଜ୍ଞାନକୁ ସମର୍ଥନ କରୁଥିବା ଭିତ୍ତିଭୂମି ଏବଂ ସେହି ଜ୍ଞାନ ନେତୃତ୍ୱ ପାଇଁ ଅନ୍ୟ କୌଣସି ଅତିରିକ୍ତ ସିଦ୍ଧାନ୍ତ ଇତ୍ୟାଦି ।

ଟିପ୍ପଣୀ

- **ଆରୋହୀ ଚିନ୍ତନ** (Inductive thinking) : ଆରୋହୀ ଚିନ୍ତନ "ପ୍ରକ୍ରିୟା ସାଧାରଣୀକୃତ" (generalizating) କୁ ସୂଚାଉଛି । କାରଣ ଗୋଟିଏ ସିଦ୍ଧାନ୍ତ କିମ୍ବା ଗୋଟିଏ ସାଧାରଣ ନିୟମ ଆଡକୁ ଅଗ୍ରଗତି କରିବାପାଇଁ ଆମକୁ ନିର୍ଦ୍ଦିଷ୍ଟ ତଥ୍ୟ ଗୁଡିକୁ ଆରମ୍ଭ କରିବାକୁ ପଡିବ । ଏହା ନିଶ୍ଚିତତା ନୁହେଁ ବରଂ ସମ୍ଭାବ୍ୟତ ଉପରେ ଆଧାରିତ ।

- **ଅବରୋହୀ ଚିନ୍ତନ** (Deductive thinking) : ଅବରୋହୀ ଚିନ୍ତନ ଦାବି କରୁଛି ଯେ ଏହା ତର୍କସଙ୍ଗତ ଆବଶ୍ୟକ, ଯଦି ସମସ୍ତ ଆଧାର ସତ୍ୟ, ତେବେ ଏହା ହେଉଛି ସିଦ୍ଧାନ୍ତ । ଯଦି ଅବରୋହ ତର୍କ ନିର୍ଭୁଲ / ପରିଶୁଦ୍ଧ ଏବଂ ସଠିକତାଭାବେ ବ୍ୟବହାର କରାଯାଏ, ତେବେ ସଠିକ୍ ପଏଣ୍ଟ / ଯୁକ୍ତିତର୍କ ଏକ ସଠିକ ସିଦ୍ଧାନ୍ତ / ଫଳାଫଳ ଦେଇପାରିବ ।

- **ତର୍କ ସଙ୍ଗତ ଚିନ୍ତନ** (Logical thinking) : ଏହାହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ଅପରିବର୍ତ୍ତନୀୟ ଭାବରେ ଯୁକ୍ତିର ବ୍ୟବହାର କରି ସିଦ୍ଧନ୍ତରେ ପହଞ୍ଚି ପାରିବ ପାଇଁ । ଗଠନ, ସତ୍ୟତା ମଧ୍ୟରେ ଥିବା ସମ୍ପର୍କ, ଅର୍ଥପ୍ରସ୍ତୁତ ପାଇଁ ଯୁକ୍ତିର ଓ ତର୍କ ସଙ୍ଗତ ଚିନ୍ତନର ଆବଶ୍ୟକତା ଅଛି ।

### ୪.୪. ୩. ଚିନ୍ତନର ସାଧନୀ:-

ଚିନ୍ତନ ସାଧନୀ ହେଉଛି ଏପରି ଏକ କୌଶଳ ଯାହାକି ଆମ ମସ୍ତିଷ୍କକୁ ଫଳପ୍ରଦ ଭାବେ ଏବଂ ପ୍ରଣାଳୀବଦ୍ଧ ଭାବେ ବ୍ୟବହାର କରିବା ପାଇଁ ସାହାଯ୍ୟ କରିପାରିବ । ଚିନ୍ତନ ସାଧନୀର ବ୍ୟବହାର ସହିତ, ଅଭିପ୍ରାୟ(Intended) ଚିନ୍ତାଧାରା ଅଧିକ ପ୍ରଣାଳୀଗତ ଭାବେ , ସ୍ପଷ୍ଟଭାବେ ଏବଂ ସରଳ ବୋଧଗମ୍ୟତାର ସହ ସଜ୍ଜିକରଣ ହୋଇପାରିବ । ପ୍ରଶ୍ନ ପଚାରିବା, ଧାରଣା, ମାନସ ଚିତ୍ରଣ, ଜ୍ଞାନାତ୍ମକ ଗବେଷଣା କେନ୍ଦ୍ର ଇତ୍ୟାଦି ହେଉଛି କେତେକ ସାଧନୀ, ଚିନ୍ତନର ସହଜ / ସୁଗମ କରିବା ପାଇଁ ।

### ୪.୪.୩.୧. ପ୍ରଶ୍ନ ପଚାରିବା :

"ଚିନ୍ତା କରୁଥିବା ବ୍ୟକ୍ତି ହିଁ ପ୍ରଶ୍ନ ପଚାରେ ।" - Willian Wilen ଶିଶୁମାନଙ୍କ ମଧ୍ୟରେ ଚିନ୍ତନ ଦକ୍ଷତା ବୃଦ୍ଧିର ଏକମାତ୍ର ସହଜ ଏବଂ ସରଳ ଉପାୟ ହେଉଛି ସେମାନଙ୍କୁ ଠିକ୍ ଢଙ୍ଗରେ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରିଥାନ୍ତି । ଯେତେବେଳେ ଶିକ୍ଷକ ଏବଂ ଅଭିଭାବକ ପ୍ରଶ୍ନ ପଚାରିବା ଶିକ୍ଷଣ କରନ୍ତି ଏବଂ ଶିଶୁମାନଙ୍କୁ ପ୍ରଶ୍ନ କରି ସେମାନଙ୍କ ମଧ୍ୟରେ ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରୋତ୍ସାହନ ସୃଷ୍ଟି ହୁଏ ଏବଂ ଏହି ପ୍ରଶ୍ନ ପଚାରିବା ଦ୍ୱାରା ସେମାନଙ୍କ ଭାବନା ପ୍ରକ୍ରିୟାକୁ ତ୍ୱରିତ କରିପାରିବ । ପ୍ରଶ୍ନ ପଚାରିବା ହେଉଛି ଏକ ପନ୍ଥା ଯାହା ଦ୍ୱାରା ଆମେ ଅନ୍ୟମାନଙ୍କୁ ପ୍ରେରଣା ଦେବା : ତଥ୍ୟ ପାଇବା ପାଇଁ ବୋଧଗମ୍ୟତାକୁ ପରୀକ୍ଷା କରିବା ପାଇଁ , ଆଗ୍ରହ ବିକାଶ ପାଇଁ ଏବଂ ବ୍ୟକ୍ତି କୌଣସି ସନିର୍ଦ୍ଦିଷ୍ଟ ଜିନିଷକୁ ବୁଝିଛି ନା ନାହିଁ ତାର ସାମର୍ଥ୍ୟ ଜାଣିବା ପାଇଁ ମୂଲ୍ୟାୟନ କରିବା ।

W - H ପ୍ରଶ୍ନ ହେଉଛି ଗୋଟିଏ ପ୍ରଭାବଶାଳୀ, ପ୍ରେରଣାତ୍ମକ, କାଳ୍ପନିକ ଚେକ୍‌ଲିଷ୍ଟ ସୃଷ୍ଟି କରିବା ପାଇଁ :

- ତଥ୍ୟ - ସଂଗୃହୀତ ପ୍ରଶ୍ନାବଳୀ, ଯେତେବେଳେ ତୁମେ ସମସ୍ୟା ସମାଧାନର ପ୍ରାଥମିକ ପର୍ଯ୍ୟାୟରେ ତଥ୍ୟ ସଂଗ୍ରହ କରୁଛ ।

- ଭାବନା - ପ୍ରତ୍ୟାଶାମୂଳକ ବନ୍ଦୀ ପ୍ରଶ୍ନାବଳୀ (Idea - Provoking questions) - ଯଥା :

ବ୍ରେନ୍‌ଷ୍ଟରମିଙ୍ଗ୍ (Brainstorming) ।

Blooms Taxonomy ଙ୍କ ଅନୁସାରେ, ବିଭିନ୍ନ ପ୍ରକାର କିମ୍ବା ବିଭିନ୍ନ ସ୍ତରର ଚିନ୍ତନ ବ୍ୟବହାର ପାଇଁ ଆମକୁ ବିଭିନ୍ନ ପ୍ରକାର ପ୍ରଶ୍ନର ଆବଶ୍ୟକତା ଅଛି । ଜ୍ଞାନ, ବୋଧ ଏବଂ ପ୍ରୟୋଗ ହେଉଛି ବାସ୍ତବ (ମୂର୍ତ୍ତ) ଚିନ୍ତନ ଦକ୍ଷତା । ବିଶ୍ଳେଷଣ, ସଂଶ୍ଳେଷଣ ଏବଂ ମୂଲ୍ୟାୟନ ଅଧିକ ସଂକ୍ଷିପ୍ତିକରଣ (abstraction) ଏବଂ ଏହାକୁ ସମାଲୋଚନାର ଚିନ୍ତନ ଦକ୍ଷତା କୁହାଯାଏ । ଜଣକର ଜ୍ଞାନର ଦକ୍ଷତାକୁ ପରୀକ୍ଷା କରିବାପାଇଁ ଶବ୍ଦ ଏବଂ ବାକ୍ୟାଂଶ (phrases) ର ବ୍ୟବହାର ଯଥା:- କେତେ, କେବେ, କେଉଁଟି, ତାଲିକା, ସଂଜ୍ଞା, କୁହ (tell), ବର୍ଣ୍ଣନା କର, ଚିହ୍ନଟ କର ଇତ୍ୟାଦି ଯେଉଁ ଗୁଡିକ ତଥ୍ୟମୂଳକ ଉତ୍ତରଦେବା ଏବଂ ପିଲାମାନଙ୍କର ମନେ ପକାଇବା ଦକ୍ଷତାକୁ ଜାଣିବା ପାଇଁ ବ୍ୟବହୃତ ଶବ୍ଦଗୁଡିକ ହେଲା :- ବର୍ଣ୍ଣନା, ଆଲୋଚନା, ଅନୁମାନ (estimate), ଭବିଷ୍ୟ କହିବା (predict) , ଚିହ୍ନଟ କରିବା, ଏବଂ ପାର୍ଥକ୍ୟ ଦର୍ଶାଇବା ଇତ୍ୟାଦି, ପିଲାମାନଙ୍କୁ ଅନୁବାଦ, ବ୍ୟାଖ୍ୟା ଏବଂ ବର୍ହିବେଶନ (extrapolate) କରିବା ପାଇଁ ପ୍ରେରଣ ଦେବା । ପ୍ରୟୋଗ ଦକ୍ଷତାକୁ ପରୀକ୍ଷା କରିବା ପାଇଁ ବ୍ୟବହୃତ ଶବ୍ଦଗୁଡିକ ହେଲା:ପ୍ରଦର୍ଶନ , ପ୍ରୟୋଗ, ଉଦାହରଣ , ଦେଖାଅ(show), ସମାଧାନ(solve), ପରୀକ୍ଷା, ଶ୍ରେଣୀବିଭାଗ, ଏବଂ ପର୍ଯ୍ୟବେକ୍ଷଣ ଇତ୍ୟାଦି, ପିଲାମାନଙ୍କୁ ନୂତନ ଏବଂ ଅପରିଚିତ ପରିସ୍ଥିତିରେ ନିଜ ଜ୍ଞାନ ପ୍ରୟୋଗ କରିବା ପାଇଁ ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବା । ବିଶ୍ଳେଷଣ, ଦକ୍ଷତା ପାଇଁ ବ୍ୟବହୃତ ଶବ୍ଦ ଏବଂ ବାକ୍ୟାଂଶ ହେଉଛି: ଯେଉଁ ଗୁଡିକ ହେଉଛି ଭିନ୍ନ, ବିଶ୍ଳେଷଣ, ବ୍ୟାଖ୍ୟା, ତୁଳନା, ଅଲଗା, ଶ୍ରେଣୀଭୁକ୍ତ , ସଜାଅ ଇତ୍ୟାଦି, ତଥ୍ୟଗୁଡିକୁ ବିଭିନ୍ନ ଛୋଟ ଛୋଟ ଭାଗରେ ଭାଗ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିଥାଏ । ସଂଶ୍ଳେଷଣ ଦକ୍ଷତାକୁ ପରୀକ୍ଷା କରିବାପାଇଁ ପିଲାମାନଙ୍କୁ ଉତ୍ସାହିତ କରିଥାଏ । ସଂଶ୍ଳେଷଣ ଦକ୍ଷତାକୁ ପରୀକ୍ଷା କରିବାପାଇଁ ବ୍ୟବହାର କରାଯାଉଥିବା ଶବ୍ଦଗୁଡିକ ଏବଂ ବ୍ୟାକ୍ୟାଂଶ ହେଉଛି: ମିଳିତ କର, ପୁର୍ନବାର ସଜା , ପ୍ରତିସ୍ଥାନିକ, ସୃଷ୍ଟିକର ରୂପାଙ୍କନ, ଉଦ୍ଭାବନ, କ'ଣ ଯଦି ବିଭିନ୍ନ ଢାଞ୍ଚାରେ ଛୋଟ ଛୋଟ ଭାଗ / ଅଂଶଗୁଡିକ ମିଳିତ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବା । ମୂଲ୍ୟାୟନ ଦକ୍ଷତାକୁ ପରୀକ୍ଷା କରିବା ପାଇଁ ବ୍ୟବହାର କରାଯାଉଥିବା ଶବ୍ଦଗୁଡିକ ହେଲା :- ମୂଲ୍ୟ ନିର୍ଦ୍ଧାରଣ, ନିଷ୍ପତ୍ତି ନେବା, ମାପିବା, ଚୟନ, ବ୍ୟାଖ୍ୟା, ସିଦ୍ଧାନ୍ତ, ତୁଳନା ଏବଂ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ ଇତ୍ୟାଦି, ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସାରେ କୌଣସି ଜିନିଷର ବିଚାର କରିବା ପାଇଁ ପିଲାମାନଙ୍କୁ ପ୍ରେରିତ କରିବା ।

**୪.୪.୩.୨. ଧାରଣା :**

ଧାରଣା ହେଉଛି ସାଧାରଣ କଳ୍ପନା ଯେଉଁଟା ଆମେ ଆମର ଅନୁଭୂତିକୁ ଚିହ୍ନଟ ଏବଂ ସଂଗଠନ କରିବା ପାଇଁ ବ୍ୟବହାର କରିଥାଉ । ଯଦି ଶବ୍ଦଗୁଡିକ ହେଉଛି ଭାଷାର ଶବ୍ଦଭଣ୍ଡାର ତେବେ ଧାରଣାଗୁଡିକ ହେଉଛି ଭାବନାର ଶବ୍ଦଭଣ୍ଡାର । Aristotle କହିଥିଲେ ଯେ ଗୋଟିଏ ବୁଦ୍ଧିମାନ ମଣିଷ ହେଉଛି ଏକ ଧାରଣାର ମୁନିବ "(master of concepts)".

**ଧାରଣାର ଗଠନ** (structure of concepts) **ନିମ୍ନଲିଖିତ ସହିତ ସଂପୃକ୍ତ:-**

- ସଂକେତ - ଶବ୍ଦ / ପ୍ରତୀକ ଯେଉଁଟା ଧାରଣାକୁ ନାମ ଦିଏ ।

- Referents - ଧାରଣାର ଉଦାହରଣ

- ଗୁଣଧର୍ମ (Properties):- ଗୁଣଗୁଡିକ ହେଉଛି ଯାହାକି ଧାରଣାର ସମସ୍ତ ଉଦାହରଣଗୁଡିକୁ ଗୋଟିଏ



ଟିପ୍ପଣୀ

ଟିପ୍ପଣୀ

ସାଧାରଣ ଉଦ୍ଦେଶ୍ୟ ପାଇଁ ଉପଯୋଗ କରିବା ।

ଉଭୟ ବ୍ୟାଖ୍ୟା ଏବଂ ସାଧାରଣୀକୃତ କରିବାର ପାରସ୍ପରିକ ପ୍ରକ୍ରିୟା ଦ୍ୱାରା ଧାରଣା, ସଂଗଠନ ହୋଇଥାଏ । ଧାରଣାର ଉଦାହରଣଗୁଡିକୁ ଖୋଜିବା ପ୍ରକ୍ରିୟାକୁ ବ୍ୟାଖ୍ୟା କରିବା କୁହାଯାଏ । ଗୋଟିଏ ସାଧାରଣ ଗୁଣକୁ ବିଭିନ୍ନ ଦଳର / ଗୋଷ୍ଠୀର ଜିନିଷ ଦ୍ୱାରା ମତପୋଷଣ କରିବା ଉପରେ ଗୁରୁତ୍ୱାରୋପ କରିବାକୁ ସାଧାରଣୀକୃତ କୁହାଯାଏ ।

**୪.୪.୩.୩. ମାନସ ଚିତ୍ରଣ:**

ମାନସ ଚିତ୍ରଣ ଗୋଟିଏ ଦୃଶ୍ୟମାନ ଉପସ୍ଥାପନାର ମାଧ୍ୟମ ଯେଉଁଥିରେ ଧାରଣାଗୁଡିକ ପରସ୍ପର ସହିତ ସମ୍ପର୍କିତ ଭାବେ ସଂଜ୍ଞାକୃତ କରାଯାଇପାରିବ । ଏହା ହେଉଛି ଚରମ ଶିକ୍ଷଣ ସାଧନୀ(Ultimate Learning Tool) । ଏହା ସମୟକୁ ସଞ୍ଚୟ କରିବାରେ ସାହାଯ୍ୟ କରେ ଯେହେତୁ ଏହା ବ୍ୟବହାର କରିଥାଏ । କେବଳ ମୁଖ୍ୟ ଶବ୍ଦ (ଧାରଣା), ଉତ୍ତମ ବୋଧଗମ୍ୟତା ପାଇଁ, ଉତ୍କର୍ଷ ସ୍ମୃତିଶକ୍ତିର ୭ଟି ନିୟମ ହେଲା ମାନସ ଦର୍ଶନ, ସାହଚର୍ଯ୍ୟ, ଜିନିଷଗୁଡିକ ଅତି ଉତ୍ତମ ଭାବେ ପ୍ରସ୍ତୁତ କରିବା, କଳ୍ପନା, ରଙ୍ଗ, ଛନ୍ଦ-ଗତି ଏବଂ ସାମଗ୍ରିକ ମାନସ ଚିତ୍ରଣ ଶୁଣିକି ନୋଟ ପ୍ରସ୍ତୁତ କରିବା, ମୌଖିକ ଉପସ୍ଥାପନା ଏବଂ ଲିଖନ ପାଇଁ ବ୍ୟବହାର କରାଯାଏ ।

ମାନସ ଚିତ୍ରଣରେ ଅନ୍ତର୍ଭୁକ୍ତ ସୋପାନ

- କେନ୍ଦ୍ରରେ ପ୍ରସଙ୍ଗ ଅଙ୍କନ କରିବା
- ଉପ-ଶୀର୍ଷକଗୁଡିକୁ ସଂଯୋଗ କରିବା
- ପ୍ରତ୍ୟେକ ଉପ-ଶୀର୍ଷକରେ ମୁଖ୍ୟାଂଶଗୁଡିକ ଓ ସହାୟକ ପୂର୍ଣ୍ଣାଙ୍ଗ ତଥ୍ୟ ସଂଯୋଗ କରିବା
- କଳ୍ପନାକୁ ସ୍ମରଣୀୟ ଓ ଅଧିକ ସଫଳ କରିବା

**୪.୪.୩.୪. ଜ୍ଞାନାତ୍ମକ ଗବେଷଣା କେନ୍ଦ୍ର :** ଜ୍ଞାନାତ୍ମକ ଗବେଷଣା କେନ୍ଦ୍ର ଚିନ୍ତନ ପଦ୍ଧତିର ସାରମର୍ମ ହେଉଛି ଚିନ୍ତନର ବିଭିନ୍ନ ଦୃଷ୍ଟିକୋଣ ଉପରେ ପ୍ରତ୍ୟକ୍ଷଭାବେ ଧ୍ୟାନ ଦେବା, ନିର୍ଦ୍ଦିଷ୍ଟ ଧାରଣା ଭିତରକୁ ଏହି ଦୃଷ୍ଟିକୋଣଗୁଡିକୁ ସ୍ଫଟିକାକାର କରିବା ଏବଂ ସାଧନୀଗୁଡିକ ସ୍ୱେଚ୍ଛାକୃତ ଭାବରେ ବ୍ୟବହାର କରିପାରିବା । ଏହା ପିଲାମାନଙ୍କର ଚିନ୍ତନଶକ୍ତିକୁ ବିସ୍ତୃତ କରିବା ସହିତ ସେମାନଙ୍କୁ ଚିନ୍ତନ ପାଇଁ ଉତ୍ସାହିତ କରିବା ପାଇଁ ଡିଜାଇନ କରାଯାଇଛି । ଜ୍ଞାନାତ୍ମକ ଗବେଷଣା କେନ୍ଦ୍ର ଚିନ୍ତନ ସାଧନୀଗୁଡିକ ହେଉଛି:

(Ultimate L( C & S : Consequence of Sequel ) ଫଳାଫଳ ଏବଂ ପରିଣାମ; (Ultimate L(AGO; Aims, Goals, Objectives(purpose) ଲକ୍ଷ୍ୟ, ଉଦ୍ୟମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ; (OPV: Other People's Views) ଅନ୍ୟ ଲୋକମାନଙ୍କର ମନ୍ତବ୍ୟ; (APC: Alternatives, possibilities, choice) ବୈକଳ୍ପିକ / ବିକଳ୍ପ, ସମ୍ଭାବ୍ୟତା ମନୋନୟନ; (PMI : Plus, Minus, Intresting) ଯୁକ୍ତ, ବିଯୁକ୍ତ, ଚିତ୍ତାକର୍ଷକ; FIP : First Important Priorities) ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ଏବଂ (CAF: Consider All factors) ସମସ୍ତ ଉପାଦାନକୁ ବିଚାର କରିବା ।

-ସମସ୍ତ ଉପାଦାନକୁ ବିଚାର (Consider All factors) ରେ ବ୍ୟକ୍ତିମାନେ ସମସ୍ତ ଉପାଦାନକୁ ତାଲିକାଭୁକ୍ତ

କରିବେ ଏବଂ ପ୍ରତ୍ୟେକ ଉପାଦାନକୁ ବିଚାରକୁ ନେବେ ।

- ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା (First Important Priorties)ରେ ବ୍ୟକ୍ତିମାନେ ବିଭିନ୍ନ ସଂଖ୍ୟକ ବିକଳ୍ପ ଏବଂ ସମ୍ଭାବ୍ୟରୁ ମନୋନୟନ କରିବେ ।

-ଯୁକ୍ତ, ବିଯୁକ୍ତ, ଚିତ୍ତାକର୍ଷକ (First Important Priorties) ରେ ବ୍ୟକ୍ତିମାନେ ସମସ୍ତ ଯୁକ୍ତ ପଏଣ୍ଟ, ସମସ୍ତ ବିଯୁକ୍ତ ପଏଣ୍ଟ ଏବଂ ସମସ୍ତ ଚିତ୍ତାକର୍ଷକ ପଏଣ୍ଟ ଗୁଡିକୁ ତାଲିକାଭୁକ୍ତ କରିବେ ।

- ବୈକଳ୍ପିକ / ବିକଳ୍ପ, ସମ୍ଭାବ୍ୟତା, ମନୋନୟନ(Alternative, possibilities, Choice)ରେ ବ୍ୟକ୍ତିମାନେ ନୂତନ ବିକଳ୍ପ ଏବଂ ମନୋନୟନ ସୃଷ୍ଟି କରିବେ, ସୁସ୍ପଷ୍ଟ ଓ ସହଜରେ ପରିଲକ୍ଷିତ ହେଉଥିବା ଭାବନା ସହିତ ଆବଦ୍ଧହୋଇ ରହିବେ ନାହିଁ ।

- ଅନ୍ୟ ଲୋକମାନଙ୍କର ମନ୍ତବ୍ୟ(Others People's Views)Aims, Goals, Objectives ) ରେ ବ୍ୟକ୍ତିମାନେ ଜଣଙ୍କ ନିଜସ୍ୱ ମନ୍ତବ୍ୟକୁ ଛାଡି ଅନ୍ୟ ଯେକୌଣସି ପରିସ୍ଥିତିରେ ସଂପୃକ୍ତ ଅନ୍ୟବ୍ୟକ୍ତିଙ୍କର ମନ୍ତବ୍ୟକୁ ବିଚାରକୁ ନେବେ ।

- ଲକ୍ଷ୍ୟ, ଉଦ୍ୟମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ(Aims, Goals, Objectives ) ଗୁଡିକୁ ବ୍ୟକ୍ତିମାନେ ବାଛିବେ ଏବଂ ଉଦ୍ଦେଶ୍ୟଗୁଡିକୁ ସଂଜ୍ଞା ଦେବେ । ଯାହାଫଳରେ ଜଣେ ତାର ନିଜ ଲକ୍ଷ୍ୟ ବିଷୟରେ ସୁସ୍ପଷ୍ଟ ହେବ ଏବଂ ଅନ୍ୟମାନଙ୍କୁ ମଧ୍ୟ ବୁଝିପାରିବ ।

- ଫଳାଫଳ ଏବଂ ପରିଣାମ (Consequence and Sequel) ରେ ବ୍ୟକ୍ତିମାନେ ତତ୍‌କ୍ଷଣାତ୍, ସ୍ୱଳ୍ପ (ଯଥା - 1 -2 Years) ମାଧ୍ୟମ (ଯଥା - 2-5 year ) ଏବଂ ଦୀର୍ଘକାର (ଯଥା - over 5 years), ଫଳାଫଳକୁ ବିଚାରକୁ ନେବେ ।

**ନିଜ ଅଗ୍ରଗତିର ଆକଳନ କର: ୨**

2. ପିଆଜେ ତତ୍ତ୍ୱର ବୌଦ୍ଧିକ ବିକାଶର ପର୍ଯ୍ୟାୟଗୁଡିକ ବର୍ଣ୍ଣନା କର ।

3. ଜ୍ଞାନାତ୍ମକ ଗବେଷଣା କେନ୍ଦ୍ର ଚିନ୍ତନ ସାଧନୀଗୁଡିକର ନାମ ଲେଖ ।

--------------------------------------------------------------

--------------------------------------------------------------

--------------------------------------------------------------

**୪.୫. ସମାଲୋଚନାତ୍ମକ, ଏକାଭିମୁଖୀ ଏବଂ ବିସ୍ତାରିତ ଭାବନା / ଚିନ୍ତନର ବିକାଶ:**

ବର୍ତ୍ତମାନ ଯୁଗର ଏହି ଶିକ୍ଷାଦାନ ପ୍ରଯୁକ୍ତି (ଟେକ୍ନୋଲୋଜି) ଉନ୍ନତି ଯୋଗୁଁ ଆମେ ବିଭିନ୍ନ ପ୍ରକାରର ତଥ୍ୟ ହାତପାହାନ୍ତାରେ ପାଇଥାଉ । ବିଶ୍ୱର କ୍ରିୟାକର୍ମ ଏବଂ ସଂକଟର ମୁକାବିଲା ପାଇଁ ବ୍ୟକ୍ତି ପାଖରେ ଏହି ଦକ୍ଷତା ନିହାତି ରହିବା ଆବଶ୍ୟକ ଯଥା :-

**୪.୫.୧ ସମାଲୋଚନାତ୍ମକ ଚିନ୍ତନ :-**

-ସାଧୀନ ଭାବେ ଚିନ୍ତନ ହେଉଛି ଏକ ପ୍ରକ୍ରିୟା ଯେଉଁଟା ବ୍ୟକ୍ତିମାନଙ୍କୁ ଭାବନାତ୍ମକ, ଯୁକ୍ତିଯୁକ୍ତ,

ଟିପ୍ପଣୀ

ଯୁକ୍ତିସଂଗତ ଚିନ୍ତନକୁ ଏକାଠି କରିବା, ବ୍ୟାଖ୍ୟା କରିବା ଏବଂ ତଥ୍ୟଗୁଡିକୁ ମୂଲ୍ୟାୟନ ଇତ୍ୟାଦିର ବ୍ୟବହାର କରି ଗୋଟିଏ ନିଷ୍ପତ୍ତି ନେବା ପାଇଁ ସାହାଯ୍ୟ କରିଥାଏ ।

ସମସ୍ତ ଶିକ୍ଷାର ସମାଲୋଚନାତ୍ମକ ଚିନ୍ତନ ଚରମ ଲକ୍ଷ୍ୟ ହେବା ଆବଶ୍ୟକ । ଜନ୍ ଡ୍ୟୁଙ୍କ ମତରେ ସମାଲୋଚନାତ୍ମକ ଚିନ୍ତନ ରୁଟିନ୍ ଭାବନା ନୁହେଁ ବରଂ ଏହା ହେଉଛି ଏକ ମନନଶୀଳ ଚିନ୍ତନ (ରିଫ୍ଲେଟିଙ୍ଗ୍ ଥିଙ୍କିଙ୍ଗ୍) । ଏହା ସକ୍ରିୟ, ଦୃଢ ଏବଂ ସଯତ୍ନ ଭାବନା / ବିଚାର ପ୍ରକ୍ରିୟାର ଆସ୍ଥା(କ୍ରେଡିବିଲିଟି) ଏବଂ ପ୍ରତ୍ୟାଶା ଜ୍ଞାନ / ତଥ୍ୟର ସିଦ୍ଧାନ୍ତକରଣର ପ୍ରକ୍ରିୟା ଅଟେ । ତଥ୍ୟ ସହିତ ଏହି ସମାଲୋଚନାମ୍ନକ ଚିନ୍ତନର ପ୍ରଦର୍ଶନ ପାଇଁ ଶିକ୍ଷାର୍ଥୀ ନିଜ ମଧ୍ୟରେ ବାଖ୍ୟା କରିବା, ବିଶ୍ଳେଷଣ କରିବା, ଯୁକ୍ତିଯୁକ୍ତ ଏବଂ ମୂଲ୍ୟାୟନ କରିବାର ଦକ୍ଷତା ବିକାଶ କରିବା ଅତ୍ୟନ୍ତ ଜରୁରୀ ଅଟେ । ଶିକ୍ଷାର୍ଥୀ ଯେଉଁମାନଙ୍କର ସମାଲୋଚନାମ୍ନକ ଚିନ୍ତନ ଦକ୍ଷତାର ବିକାଶ ହୋଇଥାଏ,ସେମାନଙ୍କର ଭଲ ମାର୍କ ହାସଲ, ଶିକ୍ଷକ ଏବଂ ପାଠ୍ୟପୁସ୍ତକ ଉପରେ କମ୍ ନିର୍ଭର,ନୂତନ ଜ୍ଞାନ ସୃଷ୍ଟି ଏବଂ ମୂଲ୍ୟାୟନ, ସମାଜର ଢାଞ୍ଚାକୁ ଆହ୍ୱାନମୂଳକ ଭାବେ ମଧ୍ୟ ପରିବର୍ତ୍ତନ କରିବାର ସାମର୍ଥ୍ୟ ଥାଏ ।

ସମାଲୋଚନାମ୍ନକ ଚିନ୍ତନର ମୂଳଦୁଆ ହେଉଛି ପ୍ରଶ୍ନ ପଚାରିବା ଅଭ୍ୟାସର ବିକାଶ । Edward Glaserଙ୍କ ମତ ଅନୁସାରେ ସମାଲୋଚନାମ୍ନକ ଚିନ୍ତନ ପାଇଁ ବ୍ୟକ୍ତିଙ୍କ ମଧ୍ୟରେ କେତେକ ଦକ୍ଷତା ଥିବା ଦରକାର । ସେଗୁଡିକ ହେଉଛି:-

- ସମସ୍ୟାର ଚିହ୍ନଟିକରଣ
- ସେହି ସମସ୍ୟାକୁ ସମ୍ମୁଖୀନ ହେବାପାଇଁ କରଣୀୟ ଉପାୟମାନ ଖୋଜିବା ।
- ପ୍ରାସଙ୍ଗିକ ତଥ୍ୟକୁ ଏକାଠି କରିବା ଏବଂ ସଜାଡିବା ।
- ସ୍ଥିର କରାଯାଇନଥିବା ଧାରଣା ଏବଂ ମୂଲ୍ୟବୋଧକୁ ଚିହ୍ନଟ କରିବା ।
- ସଠିକ , ସ୍ୱଷ୍ଟ ଭାବେ ଭାଷାର ବ୍ୟବହାର, ପ୍ରଭେଦ ଦର୍ଶାଇବା ଏବଂ ବୋଧଗମ୍ୟତା ହାସଲ କରିବା
- ତଥ୍ୟର ବାଖ୍ୟା କରିବା ।
- ଉକ୍ତିର ମୂଲ୍ୟାୟନ ଏବଂ ପ୍ରମାଣକୁ ମନୋନୀତ କରିବା କାର୍ଯ୍ୟ ।
- ଉକ୍ତିଗୁଡିକ ମଧ୍ୟରେ ଥିବା ତର୍କଯୁକ୍ତ ସମ୍ପର୍କକୁ ଚିହ୍ନଟ କରିବା ।
- ସାଧାରଣୀକରଣ ଏବଂ ପ୍ରତିଶୃତି ବଦ୍ଧ ସିଦ୍ଧାନ୍ତରେ ପହଞ୍ଚିବା ।
- ପାଇଥିବା ସାଧାରଣୀକରଣ ଏବଂ ସିଦ୍ଧାନ୍ତକୁ ପରୀକ୍ଷା କରିବା ।

**୪. ୫. ୧.୧. ସମାଲୋଚନାମ୍ନକ ଚିନ୍ତନ ବିକାଶର ସ୍ତର:**

ସମାଲୋଚନାତ୍ମକ ଚିନ୍ତନର ବିକାଶରେ ୬ଟି ସ୍ତର ସଂପୃକ୍ତ । ସେଗୁଡିକ ନିମ୍ନରେ ଆଲୋଚନା କରାଯାଇଛି ।

- ସ୍ତର ୧: ଅମନଶୀଳ ଚିନ୍ତନ (The Unreflective Thinker): ବ୍ୟକ୍ତି ଯେଉଁମାନେଚିନ୍ତନରେ ଥିବା

ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ବନ୍ଧରେ ଅଜ୍ଞାତ ।

- ସ୍ତର ୨: ବିବାଦ ପାଇଁ ଆହ୍ୱାନ କରୁଥିବା ଚିନ୍ତକ (The Challenged Thinker): ବ୍ୟକ୍ତି ଯେଉଁମାନେ ଚିନ୍ତନରେ ଥିବା ସମସ୍ୟା ସମ୍ବନ୍ଧରେ ଅଜ୍ଞାତ ।

- ସ୍ତର ୩ : ଆରମ୍ଭ ଚିନ୍ତକ (The Beginning Thinker): ବ୍ୟକ୍ତି ଯେଉଁମାନେ ଦୈନିକ ଅଭ୍ୟାସବିନା ଉନ୍ନତି କରିବାକୁ ଚେଷ୍ଟା କରନ୍ତି ।

- ସ୍ତର ୪: ଅଭ୍ୟାସରତ ଚିନ୍ତକ (The Practicing Thinker): ବ୍ୟକ୍ତି ଯେଉଁମାନେ ବାରମ୍ବାର ଅଭ୍ୟାସର ଆବଶ୍ୟକତାକୁ ଚିହ୍ନନ୍ତି ।

- ସ୍ତର ୫: ଉଚ୍ଚସ୍ତରୀୟ ଚିନ୍ତକ (The Advanced Thinker):ଅଭ୍ୟାସ ଅନୁସାରେ ଉଚ୍ଚସ୍ତରୀୟ ବ୍ୟକ୍ତି ।

- ସ୍ତର ୬: ମାଷ୍ଟର / ନିପୁଣ ଚିନ୍ତନ (The master Thinker):ଅନ୍ତର୍ଦୃଷ୍ଟି ଏବଂ ଦକ୍ଷତାପୂର୍ଣ୍ଣ ଚିନ୍ତନ

ସମାଲୋଚନାତ୍ମକ ଚିନ୍ତନର ବିକାଶ ସମ୍ଭବପର ହୋଇପାରିବ ଯେତେବେଳେ ଜଣେ:

୧. ଚିନ୍ତନରେ ଶୋଚନୀୟ ସମସ୍ୟା ଅଛି । ଏହି ସତ୍ୟାସତ୍ୟକୁ ଗ୍ରହଣ କରିବ ।

୨. ଦୈନିକ ଅଭ୍ୟାସର ଆରମ୍ଭ ।

**୪.୫.୧.୨. ସମାଲୋଚନାତ୍ମକ ଚିନ୍ତକମାନଙ୍କର ବୈଶିଷ୍ଟ୍ୟ / ଲକ୍ଷଣ :**

Sir Francis Burton ମତପୋଷଣ କରିଛନ୍ତି ଯେ ସେହି ବ୍ୟକ୍ତିମାନଙ୍କୁ ସମାଲୋଚନାତ୍ମକ ଚିନ୍ତକ କୁହାଯାଏ,

ଯେଉଁମାନେ :-

- ଜିଜ୍ଞାସୁ

- ଜିନିଷଗୁଡିକ ମଧ୍ୟରେ ଥିବା ସମ୍ପର୍କ ଏବଂ ପାର୍ଥକ୍ୟକୁ ଦେଖିପାରୁଥିବେ ।

- ପ୍ରଶ୍ନ ପଚାରୁଥିବା

- ମନୋନୟନ କରୁଥିବେ

- ମତକୁ ବିଭିନ୍ନ  ପଏଣ୍ଟରେ ବିଚାର କରୁଥିବେ

- କେତେକଙ୍କ ମତକୁ ଗ୍ରହଣ କରୁଥିବ ଏବଂ ପ୍ରମାଣ ଏବଂ କୌଣସି କାରଣ ଯୋଗୁଁ ମତ ଉପରେ ଯୁକ୍ତି କରିପାରୁଥିବେ ।

- ଉତ୍ତର ଆସ୍ଥାକୁ ବିଚାର କରିବାର ସାମର୍ଥ୍ୟ ଏବଂ କୌଣସି ସୂଚନା ଉପରେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାର କ୍ଷମତା ।

- ସମସ୍ତ ପ୍ରତାରଣାକୁ ସତର୍କ ରହୁଥିବେ ।

**୪.୫.୨. ଏକାଭିମୁଖୀ ଚିନ୍ତାଧାରା / ଚିନ୍ତନ:-**

Joy Paul Guilfordଙ୍କ ଦ୍ୱାରା ଏକାଭିମୁଖୀ ଚିନ୍ତନ ଗଠନ କରାଯାଇଛି । ଏହା ବହୁମୁଖୀ ଚିନ୍ତନର ବିପରୀତ ଚିନ୍ତନ । ଏହା ସାଧାରଣତଃ ଗୋଟିଏ ସାଧାରଣ ପ୍ରଶ୍ନର ସଠିକ୍ ଉତ୍ତର ଦେବା ଦକ୍ଷତାକୁ ବୁଝାଇଥାଏ । ଏହା ସୃଜନାତ୍ମକ ଦକ୍ଷତାର ଗୁରୁତ୍ୱକୁ ଆବଶ୍ୟକ ମନେକରିନଥାଏ । ଉଦାହରଣ:ବିଦ୍ୟାଳୟରେ ଦିଆଯାଉଥିବା ବିଭିନ୍ନ କାର୍ଯ୍ୟ ଏବଂ ବୁଦ୍ଧିର ପରୀକ୍ଷା ପାଇଁ ମାନକୀକୃତ ବହୁବିଧ ଚୟନ ପ୍ରଶ୍ନ(MCQs) ଏକାଭିମୁଖୀ ଚିନ୍ତାଧାରା ହେଉଛି ଏକପ୍ରକାର ଚିନ୍ତନର ଏକମାତ୍ର ନିର୍ଦ୍ଦିଷ୍ଟ କିମ୍ବା ଗୋଟିଏ ସମସ୍ୟାର ଉତ୍ତମ ପ୍ରତିଷ୍ଠିତ ଉତ୍ତର ଉପରେ ଗୁରୁତ୍ୱାରୋପ କରିଥାଏ ।

ଏହି ପ୍ରକାର ଚିନ୍ତନ କେବଳ ଗୋଟିଏ ଉପଯୁକ୍ତ / ସଠିକ୍ ଉତ୍ତର ଉପରେ ନିର୍ଭର କରିଥାଏ । ଅର୍ଥାତ୍ ଗୋଟିଏ ପ୍ରଶ୍ନର ଗୋଟିଏ ସମ୍ଭାବ୍ୟ ଉତ୍ତର ସହିତ ଏହି ଚିନ୍ତନ ସଂପୃକ୍ତ ହୋଇଥାଏ । ଏକାଭିମୁଖୀ ଚିନ୍ତନ ଗତି, ସଠିକତା, ତର୍କଯୁକ୍ତ ଏବଂ ପରିଚିତକୁ ଚିହ୍ନଟ କରିବା, କୌଶଳର ପୁର୍ନବାର ପ୍ରୟୋଗ ଏବଂ ଗଚ୍ଛିତ ତଥ୍ୟକୁ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଇଥାଏ । ଏହି ଭଳି ପରିସ୍ଥିତିମାନଙ୍କରେ ଏହା ଅଧିକ ଫଳପ୍ରଦ ଯେଉଁଠାରେ ଏକ ଉତ୍ତର ତତ୍‌କ୍ଷଣାତ୍ ବିଦ୍ୟମାନ ଥାଏ ଏବଂ ନିଷ୍ପତ୍ତି ନେବାର କୌଶଳ ଗୁଡିକ ମାଧମରେ ନିଶ୍ଚିତ ଭାବେ ପୁନଃସ୍ମରଣ କାର୍ଯ୍ୟ କରିବା ଆବଶ୍ୟକ ହୋଇଥାଏ । ଏକାଭିମୁଖୀ ଚିନ୍ତନର ଗୋଟିଏ ସମାଲୋଚନାତ୍ମକ ଦୃଷ୍ଟିକୋଣ ହେଉଛି ଯେ ଏହା ଗୋଟିଏ ନିର୍ଦ୍ଦିଷ୍ଟ ଉତ୍ତମ ଉତ୍ତର ଉପରେ ପର୍ଯ୍ୟବେସିତ । ଅସ୍ପଷ୍ଟତା ପାଇଁ ଏହି ଚିନ୍ତନ କୌଣସି ରାସ୍ତା ଛାଡେନାହିଁ । ଏହାର ମତ ଅନୁସାରେ ଉତ୍ତର ଠିକ୍ ହୋଇପାରେ ନହେଲେ ଭୁଲ ହୋଇପାରେ । ଅଧିକାଂଶ ସମୟରେ ଏକାଭିମୁଖୀ ଚିନ୍ତନର ଶେଷ ପର୍ଯ୍ୟାୟରେ ବାହାରିଥିବା ସମାଧାନ ହେଉଛି ଉତ୍ତମ ସମ୍ଭାବ୍ୟ ଉତ୍ତର ।

ଏକ କେନ୍ଦ୍ରୀଭୂତ ଚିନ୍ତାଧାରା, ଜ୍ଞାନ ସହିତ ମଧ ସମ୍ବନ୍ଧିତ । ଯେହେତୁ ଏହା ସାଧାରଣ ପ୍ରକ୍ରିୟାରେ ଉପଲବ୍ଧ ଜ୍ଞାନର ପୂର୍ନଗଠନ କରିଥାଏ । ଜ୍ଞାନ ହେଉଛି ସୃଜନଶୀଳତାର ଅନ୍ୟତମ ଦୃଷ୍ଟିକୋଣ । ଏହା ଧାରଣାର ଉତ୍ସ, ସମସ୍ୟା ସମାଧାନର ପଥପ୍ରଦର୍ଶକ ଏବଂ କାର୍ଯ୍ୟକାରିତା ଓ ନୂନତତ୍ୱର ଲକ୍ଷଣ ପ୍ରଦର୍ଶକ । ଏକାଭିମୁଖୀ ଚିନ୍ତାଧାରା ସୃଜନାତ୍ମକ ସମସ୍ୟା ସମାଧାନ କରିବାରେ ସହାୟକ ହୋଇଥାଏ ।

### ୪. ୫. ୨.୧. ଶ୍ରେଣୀ ଗୃହରେ ଏକାଭିମୁଖୀ ଚିନ୍ତାଧାରା:-

ଅନେକ ଗୁଡିଏ ପରିସ୍ଥିତିରେ ଏକାଭିମୁଖୀ ଚିନ୍ତାଧାରା ପ୍ରକୃତ ପକ୍ଷରେ ବ୍ୟବହାର ଯୋଗ୍ୟ । ଏହାର ବ୍ୟବହାର ଅଧିକ ମାତ୍ରାରେ ସେତେବେଳେ ହୋଇଥାଏ, ଯେତେବେଳେ ଆମେ ଗୋଟିଏ ପରୀକ୍ଷାରେ ବହୁବିକଳ୍ପ ପ୍ରଶ୍ନର ଉତ୍ତର ଦେଇଥାଉ । ଯେତେବେଳେ ଶିକ୍ଷାର୍ଥୀଟି ଦିଆଯାଇଥିବା ବିକଳ୍ପ ଗୁଡିକୁ ଅନୁଧ୍ୟାନ କରେ ସେତେବେଳେ ସେ ଉପଯୁକ୍ତ ଉତ୍ତରକୁ ବାଛିବା ପାଇଁ ଏକାଭିମୁଖୀ ଚିନ୍ତାଧାରା ପ୍ରୟୋଗ କରେ । ଏହାଦ୍ୱାରା ସେ ଅନେକ ବିକଳ୍ପ ମଧରୁ ଏକମାତ୍ର ଉପଯୁକ୍ତ ଉତ୍ତର ଖୋଜି ପାଇଥାଏ ।

ଏକାଭିମୁଖୀ ଚିନ୍ତାଧାରା ଶିଶୁର ଶିକ୍ଷଣରେ ଏକ ମୂଳଦୂଆ । ଆଜିକାଲି ଅଧିକତମ ଶିକ୍ଷା ସୁଯୋଗଗୁଡିକ ଶିକ୍ଷାର୍ଥୀର ବହୁବିକଳ୍ପ ପ୍ରଶ୍ନ ପରୀକ୍ଷଣରେ ଦେଖାଉଥିବା ପ୍ରଦର୍ଶନ ଉପରେ ନିର୍ଭର କରିଥାଏ । ତେଣୁ, ଏକାଭିମୁଖୀ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେବା ନିତ୍ୟାନ୍ତ ଜରୁରୀ ଏବଂ ଏହା ଛୋଟବେଳୁ ଶିକ୍ଷାର୍ଥୀ ମଧରେ ସୃଷ୍ଟି କରାଯାଇଥାଏ । ଶିଶୁ ମଧରେ ଏକାଭିମୁଖୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏକ ଉପାୟ ହେଉଛି ସେମାନଙ୍କୁ ଅନେକ ଗାଣିତିକ ସମସ୍ୟା ସମାଧାନ କରିବାକୁ ଦେବା ଯାହାର କି କେବଳ ଏକମାତ୍ର ଉତ୍ତର



ଟିପ୍ପଣୀ

ଥିବ । ଏହଦ୍ୱାରା ସେ ଅନେକ ଉତ୍ତର ମଧ୍ୟରୁ ଏକମାତ୍ର ସଠିକ୍ ଉତ୍ତର ବାହାର କରିବାକୁ ସକ୍ଷମ ହୋଇପାରିବ ।

**୪.୫.୩. ବହୁମୁଖୀ ଚିନ୍ତାଧାରା**

ବହୁମୁଖୀ ଚିନ୍ତାଧାରାର ଲକ୍ଷ୍ୟ ହେଉଛି, ଅଳ୍ପ ସମୟରେ ଗୋଟିଏ ବିଷୟ ଉପରେ ଅନେକ ଗୁଡିଏ ଭିନ୍ନ ଭିନ୍ନ ଧାରଣା ସୃଷ୍ଟି କରାଇବା । ଏଥିରେ ଗୋଟିଏ ବିଷୟ ଭିନ୍ନ ଭିନ୍ନ ଉପାଦାନକୁ ନେଇ ଅନେକ ଗୁଡିଏ ଅଂଶରେ ଭାଗ କରିବା ଏବଂ ସେହି ବିଷୟରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣକୁ ବୁଝିବା ଜଡିତ ହୋଇ ରହିଥାଏ । ବହୁମୁଖୀ ଚିନ୍ତାଧାରା ସତଃପ୍ରବୃତ୍ତି ଭାବେ ସାଧିନ ଭାବେ ପ୍ରବାହିତ ହୋଇଥାଏ ଏବଂ ଅନିୟମିତ ଭାବେ ଅସଂଗଠିତ ହୋଇ ପ୍ରକାଶିତ ହୁଏ । ଏହି ବହୁମୁଖୀ ଚିନ୍ତାଧାରା ଗୁଡିକ ପୁନଶ୍ଚ ଏକାଭିମୁଖୀ ଚିନ୍ତାଧାରା ସାହାଯ୍ୟରେ ଏକତ୍ରିତ କରାଯାଇ ସଂଗଠିତ ହୋଇଥାଏ ।

**୪.୫.୩.୧. ବହୁମୁଖୀ ଚିନ୍ତାଧାରା – ଉଦ୍ଦୀପନା ଯୋଗାଉଥିବା ପଦ୍ଧତି:**

- ମାନସିକ ଆଲୋଡନ ସୃଷ୍ଟି :- ଏହି ପ୍ରକ୍ରିୟାରେ ଅନେକ ସୃଜନାତ୍ମକ ଧାରଣା ଅସଂଗଠିତ ଭାବେ ସୃଷ୍ଟି ହୋଇଥାଏ । ଏହି ପ୍ରକ୍ରିୟାର ଲକ୍ଷ୍ୟ ହେଉଛି ଖୁବ୍ କମ୍ ସମୟରେ ଯଥା ସମ୍ଭବ ଅଧିକ ଧାରଣା ସୃଷ୍ଟି କରିବା । ଏହାର ମୁଖ୍ୟ ଉପାଦାନ ହେଉଛି ଗୋଟିଏ ଧାରଣାର ସହାୟତାରେ ଅନ୍ୟ ଏକ ଧାରଣା ସୃଷ୍ଟି କରିବା । ମାନସିକ ଆଲୋଡନ ସମୟରେ ଆସୁଥିବା ସମସ୍ତ ଧାରଣାଗୁଡିକ ଲିପିବଦ୍ଧ କରି ରଖାଯାଏ ଏବଂ କୌଣସି ଗୋଟିଏ ବି ଧାରଣାକୁ ହିନମାନ୍ୟ କରାଯାଏ ନାହିଁ । ଗୋଟିଏ ବିଷୟରେ ଅନେକ ଗୁଡିଏ ଧାରଣା ପାଇଗଲା ପରେ ସମସ୍ତ ଧାରଣାକୁ ସମୀକ୍ଷା କରାଯାଏ ।

**– ପତ୍ରିକାରେ ଲେଖିରଖିବା :-** ଅନେକ ଲୋକଙ୍କର ଅନେକ ସମୟରେ କେତେକ ଅସାଧାରଣ ସ୍ଥାନରେ ଓ ସମୟରେ ଅର୍ନ୍ତଦୃଷ୍ଟି ଉଦୟ ହୋଇଥାଏ । ଯାହାକି ପରବର୍ତ୍ତୀ ସମୟରେ ଦରକାରୀ ହୋଇପାରେ । ତେଣୁ, ସେହି ସମୟରେ ଉକ୍ତ ପତ୍ରିକାରୁ ଲବ୍ଧ ଧାରଣାକୁ ଲେଖି ରଖିଲେ ଏହା ପରବର୍ତ୍ତୀ ସମୟରେ ଏକ ଧାରଣା ଉତ୍ସ ଭାବରେ କାର୍ଯ୍ୟ କରିଥାଏ ।

**ସାଧୀନ ଲିଖନ :–** ଗୋଟିଏ ବିଷୟ ଉପରେ ସାଧିନ ଲିଖନ କରିବା ସମୟରେ ଜଣେ ବ୍ୟକ୍ତି ସେହି ବିଷୟରେ ଅବିରତ ଲେଖି ଚାଲିଥାଏ । ସେହି ସମୟରେ ତା'ର ମସ୍ତିଷ୍କ କେବଳ ଲେଖିବା ଉପରେ କେନ୍ଦ୍ରୀଭୂତ ହୋଇ ରହିଥାଏ । ଏଥିରେ ବ୍ୟକ୍ତି ମନରେ ଯାହାବି ଆସିଥାଏ (ସେହି ବିଷୟ ସମ୍ପର୍କରେ) ସେ ଲେଖିଦିଏ । ସେ ତା'କୁ ସମୀକ୍ଷା କରିନଥାଏ । ପରମୁହୂର୍ତ୍ତରେ ତାକୁ ପୁନର୍ଗଠନ କରି ବ୍ୟବହାର ଉପଯୋଗୀ କରାଯାଇପାରେ ।

**ମନ ବା ବିଷୟ ଚିତ୍ରଣ:–** ଏହି ପ୍ରକ୍ରିୟାରେ ମାନସିକ ଆଲୋଡନ ଦ୍ୱାରା ସୃଷ୍ଟି ହେଉଥିବା ଧାରଣାଗୁଡିକୁ ଚିତ୍ରଣ / ଦୃଶ୍ୟମାନ ନକ୍ସା ଅଙ୍କନ ଦ୍ୱାରା ସଗୁଡିକ ମଧ୍ୟରେ ଥିବା ସମ୍ପର୍କକୁ ବୁଝାଯାଏ । ପ୍ରଥମେ ପ୍ରସଙ୍ଗ କିମ୍ବା ମୁଖ୍ୟ ଧାରଣାରୁ ଆରମ୍ଭ ଥିବା ସମ୍ପର୍କକୁ ବୁଝାଯାଏ । ପ୍ରଥମେ ପ୍ରସଙ୍ଗ କିମ୍ବା ମୁଖ୍ୟ ଧାରଣାରୁ ଆରମ୍ଭ କରାଯାଏ, ଏହା ପରେ ମୁଖ୍ୟ ପ୍ରସଙ୍ଗରୁ ଶାଖାଗୁଡିକ ବାହାର କରାଯାଏ ।

ଏହି ଶାଖାଗୁଡିକ ମୁଖ୍ୟ ପ୍ରସଙ୍ଗର ବିଭିନ୍ନ ଭାଗ କିମ୍ବା ଦୃଷ୍ଟିକୋଣକୁ ସୂଚାଇ ଥାଏ । ଏହା ପ୍ରସଙ୍ଗର ଗୋଟିଏ ଦୃଶ୍ୟମାନ ଧାରଣା କିମ୍ବା "ମାନପତ୍ର" ଯେଉଁଟା ଲେଖକକୁ ସେହି ପ୍ରସଙ୍ଗ ପୁନର୍ବାର ବିକାଶ କରିବା ପାଇଁ ସାହାଯ୍ୟ କରିଥାଏ ।

**– ଛଅଟା ଚିନ୍ତନ ଟୋପି :** ଏହି ପଦ୍ଧତିର ଧାରଣା ହେଉଛି ଯେ ମନୁଷ୍ୟର ମସ୍ତିଷ୍କ ଗୋଟିଏ ଜିନିଷକୁ ବିଭିନ୍ନ

ଟିପ୍ପଣୀ

ମାଧ୍ୟମରେ ଚିନ୍ତା କରିଥାଏ, ଯେଉଁଟା ସ୍ୱେଚ୍ଛାକୃତ ଭାବେ ନିଷ୍ପତ୍ତି / ଆହ୍ୱାନ ଦେଇପାରିବା ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ତଥ୍ୟ ଉପରେ ଚିନ୍ତା କରିବା ପାଇଁ ଅନୁମତି ଦେବା ଏବଂ ଗଠନମୂଳକ ଭାବେ ଯୋଜନା କରିବା ପାଇଁ ମତ ପୋଷଣ କରିବା । Edward De Bono ପୃଥକ ନିର୍ଦ୍ଦେଶନାକୁ ଚିହ୍ନଟ କରିଛନ୍ତି ଯେଉଁଥିରେ ମସ୍ତିଷ୍କ ନିଷ୍ପତ୍ତି ଗ୍ରହଣ କରିପାରିବ । ଏହି ପ୍ରତ୍ୟେକ ନିର୍ଦ୍ଦେଶନାରେ ମସ୍ତିଷ୍କ ଚିହ୍ନଟ କରିପାରିବ ଏବଂ ସଚେତନ ଭାବନା ଆଣିପାରିବ । ଛଅଟା ପୃଥକ୍ ନିର୍ଦ୍ଦେଶନା ପାଇଁ ବିଭିନ୍ନ ରଙ୍ଗ ସୂଚିତ କରାଯାଇଛି ।

ଯଥା:-

- ଧଳା :- ତଥ୍ୟ ଏବଂ ସୂଚନା ଉପରେ ଗୁରୁତ୍ୱ
- ନାଲି :- ଅନୁଭବ, ଅର୍ନ୍ତଜ୍ଞାନ, ଆବେଗ ଉପରେ ଗୁରୁତ୍ୱ
- ହଳଦିଆ :-ଆଶାବାଦ, ଉପକାର ଉପରେ ଗୁରୁତ୍ୱ
- କଳା :- ସତର୍କତା,ସମାଲୋଚନାତ୍ମକ ନିଷ୍ପତ୍ତି ଉପରେ ଗୁରୁତ୍ୱ
- ସବୁଜ:- ସୃଜନାତ୍ମକ ଚିନ୍ତନ ଉପରେ ଗୁରୁତ୍ୱ
- ନୀଳ :- ପ୍ରକ୍ରିୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**୪.୫.୩.୨. ସୃଜନାତ୍ମକ ଚିନ୍ତାଧାରା ସ୍ତର:-**

Graham Wallas ଏହା ଲକ୍ଷ୍ୟ କରିଥିଲେ ଯେ, ବ୍ୟକ୍ତିମାନଙ୍କଠାରେ ସୃଜନାତ୍ମକ ଚିନ୍ତାଧାରାରେ ପାର୍ଥକ୍ୟ ଦେଖାଦେଲେ ମଧ୍ୟ, ଏହାର ଏକ ଆବର୍ତ୍ତୀ ।(recurring) ଢାଞ୍ଚା ରହିଥାଏ । ସୃଜନାତ୍ମକ ଚିନ୍ତାଧାରା ପାଞ୍ଚଟି ସ୍ତର ଦେଇ ଗତି କରିଥାଏ । ସେଗୁଡ଼ିକ ନିମ୍ନରେ ଆଲୋଚନା କରାଯାଉଛି ।

ସ୍ତର-୧ ପ୍ରସ୍ତୁତି : ଗୋଟିଏ ବିଷୟଉପରେ ସୃଜନାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ସମୟରେ ସେହି ସମସ୍ୟାକୁ ଭଲଭାବରେ ଅନୁଧ୍ୟାନ କରିବା ଆବଶ୍ୟକ ଏବଂ ତାକୁ ଠିକ୍ ଭାବରେ ବୁଝିବା ପାଇଁ ଯଥେଷ୍ଟ ସମୟ ଦେବା ଉଚିତ୍ । ଏହାସହ ତାକୁ ସେହି ସମସ୍ୟା / ବିଷୟ ସମ୍ପର୍କିତ ଅନେକ ଜ୍ଞାନ ଆହରଣ କରିବାକୁ ପଡିଥାଏ ।

ସ୍ତର- ୨- ଉଷ୍ମାୟନ:- ଗୋଟିଏ ସମସ୍ୟା ବା ବିଷୟ ଉପରେ ଭାବନା / କାର୍ଯ୍ୟ କରିବାକୁ କିଛି ସମୟ ବିରତି ଦେବା ଦ୍ୱାରା ଅନେକ ନୂତନ ସୃଜନଶୀଳ ଭାବନା ସୃଷ୍ଟି ହେବାପାଇଁ ସମୟ ମିଳିଥାଏ ଏହାକୁ ଉଷ୍ମାୟନ କୁହାଯାଏ ।

ସ୍ତର - ୩ - ଆଲୋକନ :- ଅନେକ ସମୟରେ ସୃଜନଶୀଳ ଚିନ୍ତାଧାରା ମାଧ୍ୟମରେ ଜଣେ ବ୍ୟକ୍ତି ହଠାତ୍ କିଛି ଅନ୍ତଃଦୃଷ୍ଟିର ଆବିଷ୍କାର କରିଥାଏ । ବ୍ୟକ୍ତିଟି ଜଣାଇଥାଏ ଯେ ଯେଉଁ ଧାରଣାଟିକୁ ସେ ମାସ ମାସ ଓ ବର୍ଷ ବର୍ଷ ଧରି ଖୋଜି ଆସୁଥିଲା, ତାହା ସେ ହଠାତ୍ ପାଇଗଲା ।

ସ୍ତର -୪- ମୂଲ୍ୟ ନିର୍ଦ୍ଧାରଣ :- ଧାରଣା ଗୁଡିକର ପରିମାର୍ଜନ / ପରିଶୋଧନ ମଧ୍ୟ ନିତ୍ୟାନ୍ତ ଆବଶ୍ୟକ । ସୃଜନାତ୍ମକ ସମାଧାନ ସମ୍ପର୍କରେ ସୃଷ୍ଟି ହୋଇଥିବା ଧାରଣା ଗୁଡିକୁ କାର୍ଯ୍ୟକରୀ କରିବା, ପରୀକ୍ଷଣ କରିବା ଏବଂ ତା'ର ମୂଲ୍ୟ ନିର୍ଦ୍ଧାରଣ କରିବା ଉଚିତ୍ ।

ସ୍ତର -୫- ପୁନଃପରୀକ୍ଷଣ :-

ଅନେକ ସମୟରେ ବାରମ୍ବାର ଅନ୍ତର୍ଦୃଷ୍ଟି ଗୁଡିକ ଅସନ୍ତୋଷଜନକ ସାବ୍ୟସ୍ତ ହୋଇଥାଏ ଏବଂ ଚିନ୍ତନକାରୀ ପୁନଶ୍ଚ ସୃଜନାତ୍ମକ ପ୍ରକ୍ରିୟାର ପ୍ରାରମ୍ଭକୁ ଚାଲିଆସେ ଏବଂ ବେଳେବେଳେ ସେହି ଅନ୍ତଃଦୃଷ୍ଟିର କିଛି ରୂପାନ୍ତରୀକରଣ କରିବା ଦ୍ୱାରା ତାହା ପୁନଶ୍ଚ ସନ୍ତୋଷଜନକ ହୋଇଥାଏ ।

**୪.୫.୩. ୩. ସୃଜନଶୀଳ ଚିନ୍ତା ଧାରଣ କରୁଥିବା ଚିନ୍ତନକାରୀ ବ୍ୟକ୍ତିଙ୍କର:-**

ସୃଜନାତ୍ମକ ଭାବେ ଚିନ୍ତନ ରଖୁଥିବା ବ୍ୟକ୍ତିମାନଙ୍କଠାରେ କେତେଗୁଡିଏ ସାଧାରଣ ଲକ୍ଷଣ ଦେଖିବାକୁ ମିଳିଥାଏ । ଯଥା:-

- ସେମାନେ ଜଟିଳତାକୁ ପସନ୍ଦ କରନ୍ତି ।
- ସେମାନେ ସାଧୀନଭାବେ ନିଜର ନିଷ୍ପତ୍ତି ନିଅନ୍ତି ।
- ସେମାନଙ୍କ ମାନସିକ ଚିନ୍ତନ ଜଟିଳ ହୋଇଥାଏ ଏବଂ ସେମାନେ ଅଧିକ ବ୍ୟକ୍ତିଗତ କାର୍ଯ୍ୟକ୍ଷେତ୍ର ପାଇଥା'ନ୍ତି ।
- ସେମାନେ ନିଜ ବିଷୟରେ ଜିଜ୍ଞାସା ପ୍ରକଟ କରନ୍ତି ଏବଂ ନିଜ ବ୍ୟକ୍ତିତ୍ୱକୁ ପ୍ରାଧାନ୍ୟ ଦିଅନ୍ତି ।

ସୃଜନଶୀଳ ବ୍ୟକ୍ତିମାନେ ନିମ୍ନଲିଖିତ ଗୁଣାବଳୀ ଗୁଡିକ ଧାରଣ କରିଥାନ୍ତି ।

- କୌତୁହଳୀ
- ସମସ୍ୟା ଅନ୍ୱେଷଣକାରୀ
- ବିଭିନ୍ନ ଆହ୍ୱାନକୁ ଉପଭୋଗ କରନ୍ତି
- ଆଶାନ୍ୱିତ / ଶୁଭଦର୍ଶୀ
- ରାୟ ସ୍ଥଗିତ ରଖିବାକୁ ସକ୍ଷମ
- କଳ୍ପନାରେ ଆନନ୍ଦ ପାଆନ୍ତି
- ସମସ୍ୟାକୁ ସୁଯୋଗ ଭାବେ ଦେଖନ୍ତି
- ସମସ୍ୟାକୁ ଚିତ୍ତାକର୍ଷକ / କୌତୁହଳଜନକ ମନେ କରନ୍ତି ।
- ସମସ୍ୟା ଗୁଡିକ ଆବେଗପୂର୍ଣ୍ଣ ଭାବେ ଗ୍ରହଣ କରିଥା'ନ୍ତି ।
- ଆହ୍ୱାନ ଗୁଡିକ କଳ୍ପନା କରିଥାନ୍ତି
- କଠିନ ପରିଶ୍ରମୀ

**୪. ୫. ୩. ୪. ସୃଜନାତ୍ମକ ଚିନ୍ତନରେ ପ୍ରତିବନ୍ଧକ:-**

ପ୍ରତ୍ୟେକ ବ୍ୟକ୍ତି ସୃଜନାତ୍ମକ ଚିନ୍ତନ କରିବାକୁ ସକ୍ଷମ, ମାତ୍ର ପ୍ରଥମେ ତାକୁ ନିଜ ମନରେ ଥିବା କାଳ୍ପନିକ ଅସାମତାକୁ ଦୂର କରିବାକୁ ହେବ । ସୃଜନାତ୍ମକ ଚିନ୍ତନର କେତୋଟି ପ୍ରତିବନ୍ଧକ ହେଉଛି :- ପ୍ରତିକୂଳ ମନୋଭାବ, କ୍ରିୟାତ୍ମକ ସ୍ଥାୟିତ୍ୱ, ଜ୍ଞାନର ଅସହାୟତା, ଠିକ୍ ଉତ୍ତର ଖୋଜି ବାହାର କରିବାର ପ୍ରବୃତ୍ତି, ଯୁକ୍ତିଯୁକ୍ତ ଚିନ୍ତନ, ନିୟମକୁ ଅନୁସରଣ କରିବା, ଭୁଲ୍ ହେବା / କରିବା ଖରାପ ବୋଲି ଥିବା ବିଶ୍ୱାସ ଏବଂ ସୃଜନଶୀଳ ହୋଇପାରିବାର ବିଶ୍ୱାସର ଅଭାବ ।

ଟିପ୍ପଣୀ

ସମସ୍ତ ବ୍ୟକ୍ତି ପ୍ରଥମରୁ ସୃଜନଶୀଳ ହୋଇଥାନ୍ତି । ମାତ୍ର ସେମାନଙ୍କୁ ପ୍ରଥମେ ନିଜ ମନରେ ଥିବା କ୍ଷୀଣ ଆଶା ବା ଭ୍ରାନ୍ତ ଧାରଣାକୁ ବାହାର କରିବାକୁ ହେବ ।

**୪.୫.୩.୫. ସୃଜନାତ୍ମକ ଚିନ୍ତନ ଅଭିବୃଦ୍ଧିର ଉପାୟ / ମାଧମ :-**

ଶିକ୍ଷକ ଏବଂ ଶିଶୁ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଧାରଣ କରୁଥିବା ଅନ୍ୟ ସମସ୍ତେ ଶିଶୁଠାରେ ସୃଜନାତ୍ମକ ଚିନ୍ତନର ଅଭିବୃଦ୍ଧି କରାଇ ଏକ ପରିବର୍ତ୍ତନ ଆଣିପାରିବେ । ନିମ୍ନଲିଖିତ ଉପାୟଗୁଡିକ ସୃଜନଶୀଳତା ଅଭିବୃଦ୍ଧିରେ ସହାୟକ ହୋଇଥାଏ:-

- ଜ୍ଞାନର ଏକ ପ୍ରଶସ୍ତ ଓ ସମୃଦ୍ଧ ମୂଳଦୁଆ ସ୍ଥାପନ କରିବା
- ସାଧୀନତା ବୃଦ୍ଧି କରିବା
- ଅନୁରୂପତାର ବ୍ୟବହାରକୁ ପଶ୍ରୟ ଦେବା ।
- ଜାଣିବାର ଆଗ୍ରହକୁ ପ୍ରେରଣା ଦେବା, ସକ୍ରିୟାତ୍ମକ ପ୍ରଭାବକୁ ବୃଦ୍ଧି କରାଇବା ।

**ନିଜ ଅଗ୍ରଗତିର ଆକଳନ:- ୩**

୪. Edward De Bono ଙ୍କର ଛଅଟି ଚିନ୍ତନ ଟୋପି ମଧ୍ୟରୁ ବ୍ଲୁ ରଙ୍ଗର ଟୋପି କ'ଣ ସୂଚାଇଥାଏ ?

--------------------------------------------------------------

--------------------------------------------------------------

--------------------------------------------------------------

୫. ସୃଜନାତ୍ମକ ଚିନ୍ତାଧାରାରେ ସଂପୃକ୍ତ ସ୍ତରଗୁଡିକର ନାମ ଲେଖ ।

--------------------------------------------------------------

--------------------------------------------------------------

--------------------------------------------------------------

**୪.୬. ଶିଶୁକୁ ଯୁକ୍ତିସଂଗତ ନିଷ୍ପତ୍ତି ନେବାକୁ ସକ୍ଷମ କରିବା:-**

ପୃଥିବୀର ପ୍ରତ୍ୟେକ ଜୀବ କିଛି ନିଷ୍ପତ୍ତି ନେଇଥାଏ । ତା' ଜୀବନର ପ୍ରତିଟି ମୁହୂର୍ତ୍ତରେ କିଛି ନିଷ୍ପତ୍ତି ଗ୍ରହଣ କରିବାକୁ ପଡିଥାଏ । କ'ଣ କିଣିବ, କ'ଣ ଖାଇବ, କ'ଣ ନେବ ନାହିଁ, କ'ଣ ବ୍ୟବହାର କରିବ ନାହିଁ, କଣ ଦେଖିବ ନାହିଁ, ଏସବୁର ଉତ୍ତର ପାଇଁ ତାକୁ ନିଷ୍ପତ୍ତି ନେବାକୁ ପଡ଼ିଥାଏ । ନିଷ୍ପତ୍ତି ଗୁଡିକର କାର୍ଯ୍ୟକାରିତା ଏବଂ ଦକ୍ଷତା ଏହାର ଗୁଣବତ୍ତାକୁ ସୂଚାଇଥାଏ । ଜୀବନର ପ୍ରତ୍ୟେକଟି ସ୍ତରରେ ଗୋଟିଏ ବ୍ୟକ୍ତି ନିଷ୍ପତ୍ତି ନେବା ଦରକାର ହୋଇଥାଏ । ନିଷ୍ପତ୍ତି ଗୁଡିକ ଯେତେ ଉନ୍ନତ ହେବ, ଜୀବନ ଅତିବାହିତ କରିବା ସେତିକି ଫଳପ୍ରଦ ଓ ସ୍ନିଗ୍ଧ ହେବ ।

**୪.୬.୧. ନିଷ୍ପତ୍ତି ଗ୍ରହଣ:-**

ନିଷ୍ପତ୍ତି ଗ୍ରହଣ କରିବାର ଅର୍ଥ ହେଉଛି ଅନେକ ଗୁଡିଏ ଭିନ୍ନ କାର୍ଯ୍ୟକାରୀ ମାର୍ଗ ବା ବିକଳ୍ପ ମଧ୍ୟରୁ

ସଠିକ୍ ମାର୍ଗ ଚୟନ କରିବା । ଅନ୍ୟ ଅର୍ଥରେ କହିବାକୁ ଗଲେ, ଏହା ହେଉଛି ଏକ ସମସ୍ୟା ଯାହାର ସମାଧାନ ନିମନ୍ତେ ଅନେକଗୁଡିଏ ବିକଳ୍ପ ରହିଥାଏ, ଯାହାମଧ୍ୟରୁ ଆମକୁ ଚୟନ କରିବାକୁ ହୋଇଥାଏ । ଗୋଟିଏ ସଠିକ୍ ଯୁକ୍ତି ସଂଗତ ନିଷ୍ପତ୍ତି ଗ୍ରହଣ କରିପାରୁଥିବା ବ୍ୟକ୍ତି:-

- ପ୍ରତ୍ୟେକ ବିକଳ୍ପର ଉପଯୋଗୀତା ଏବଂ ସେଥିରୁ ପାଉଥିବା ମୂଲ୍ୟବୋଧକୁ ବିଚାରକୁ ନେଇଥାଏ ।

- ଏହି ଫଳ ଗୁଡିକ ମିଳିବାର ସମ୍ଭାବ୍ୟତାକୁ ତର୍ଜମା କରିଥାଏ ।

**୪.୬.୨. ନିଷ୍ପତ୍ତି ଗ୍ରହଣକୁ ପ୍ରଭାବିତ କରୁଥିବା କାରକ :-**

ନିଷ୍ପତ୍ତି ଗ୍ରହଣକୁ ପ୍ରଭାବିତ କରୁଥିବା ମୁଖ୍ୟ କାରକ ଗୁଡିକ ହେଲେ :-

ଅନ୍ୱେଷଣ ପ୍ରବଣତା, ଗଢଣ ଏବଂ ପ୍ରତିଶ୍ରୁତିବଦ୍ଧତା ।

- ଅନ୍ୱେଷଣ ପ୍ରବଣତା :- ଏହା ଆମକୁ ନିଷ୍ପତ୍ତି ନେବାକୁ ଏବଂ ଶୀଘ୍ର ପ୍ରଭାବଶାଳୀ ରାୟ ଗଠନ କରିବାରେ ସହାୟକ ହୋଇଥାଏ । ଏହା ପୂର୍ବ ଅଭିଜ୍ଞତାରୁ ଉତ୍ପନ୍ନ ହୋଇଥାଏ ଏବଂ ଶୀଘ୍ର ଏବଂ ଦକ୍ଷ ଭାବରେ ଉତ୍ତମ ନିଷ୍ପତ୍ତି ବାଛିବାରେ ଏକ ସରଳ ନିୟମ ଭାବେ କାର୍ଯ୍ୟ କରିଥାଏ ।

ଗଢଣ ହେଉଛି ଅନ୍ୟତମ କାରକ ଯାହା ବ୍ୟକ୍ତିର ନିଷ୍ପତ୍ତି ଗଠନକୁ ପ୍ରଭାବିତ କରିଥାଏ । ପ୍ରତିଶ୍ରୁତି ବଦ୍ଧତା ହେଉଛି କୌଣସି ଏକ ଭୁଲ୍ ନିଷ୍ପତ୍ତିକୁ ନେଇ ପ୍ରତିଶ୍ରୁତି ବଦ୍ଧ ହୋଇ ରହିବାର ପ୍ରବୃତ୍ତି ।

**୪.୬.୩. ଛଅ ସ୍ତର ବିଶିଷ୍ଟ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା :-**

ଏହା ହେଉଛି ନିଷ୍ପତ୍ତି ଗ୍ରହଣ କରିବାର ଏକ ଯୁକ୍ତିଯୁକ୍ତ ପ୍ରକ୍ରିୟା । ଏହା ଭାବିବା, ତୁଳନା କରିବା ଏବଂ ବିଭିନ୍ନ ବିକଳ୍ପ ଗୁଡିକର ମୂଲ୍ୟାୟନ କରିବା ଉପରେ ପର୍ଯ୍ୟବେସିତ । ସେହି ଛଅଗୋଟି ସ୍ତର ହେଲା -

(i) ପରିସ୍ଥିତି ଏବଂ ବାଞ୍ଛିତ ଫଳାଫଳର ସଂଜ୍ଞା ଦେବା ।

(ii) ବିଭିନ୍ନ ବିକଳ୍ପର ଅନୁସନ୍ଧାନ ଓ ଚୟନ କରିବା ।

(iii) ପ୍ରତ୍ୟେକ ବିକଳ୍ପ ଏବଂ ଏହାର ଫଳାଫଳକୁ ତୁଳନା ଓ ବୈଷମ୍ୟତା ସ୍ଥିର କରିବା ।

(iv) ନିଷ୍ପତ୍ତି ଚୟନ କରିବା ବା ବିକଳ୍ପ ଚୟନ କରିବା ।

(v) କ୍ରିୟାତ୍ମକ ଯୋଜନାର ପରିକଳ୍ପନା କାର୍ଯ୍ୟକାରିତା ।

(vi) ଫଳାଫଳର ମୂଲ୍ୟାୟନ କରିବା ।

ଏହି ପ୍ରକ୍ରିୟା ବିଦ୍ୟାଳୟରେ ପିଲାମାନଙ୍କୁ ନିଷ୍ପତ୍ତି ଗ୍ରହଣ କରିବା ଶିଖାଇବାରେ ବହୁଳ ଭାବେ ବ୍ୟବହୃତ ହୋଇଥାଏ । ନିଷ୍ପତ୍ତି ଗ୍ରହଣ କରିବାର ଏହି ପ୍ରକ୍ରିୟା ହେଉଛି ଅନ୍ୟାନ୍ୟ ନୈତିକ ପ୍ରକ୍ରିୟା ଗୁଡିକ ଠାରୁ କମ୍ ଜଟିଳ । ଏହି ପ୍ରକ୍ରିୟାଟି ବିଭିନ୍ନ ସଂସ୍ଥାରେ ମଧ୍ୟ ବ୍ୟବହାର କରାଯାଏ ଯାହା ଫଳରେ କର୍ମକର୍ତ୍ତାମାନେ ସେମାନଙ୍କ ଦାୟିତ୍ୱ ଏବଂ ପଦବୀକୁ ଦୃଷ୍ଟିରେ ରଖି ଉଚିତ୍ ଏବଂ ସର୍ବୋତ୍ତମ ନିଷ୍ପତ୍ତି ଗଠନ କରିପାରନ୍ତି ।

**୪.୬.୪. ଚିନ୍ତନ କିପରି ଭାବରେ ଶିଶୁକୁ ଉତ୍ତମ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ -**

ସବୁବେଳେ ଏବଂ ସବୁ ସମୟରେ ଉଚିତ୍ ନିଷ୍ପତ୍ତି ନେବା / ନେଇପାରିବା ସମ୍ଭବ ହୋଇନଥାଏ ।

ଟିପ୍ପଣୀ

ମାତ୍ର ନିମ୍ନଲିଖିତ ନିୟମଗୁଡ଼ିକୁ ଅନୁସରଣ କରିବା ଦ୍ୱାରା ଏହାର ସଂଖ୍ୟାକୁ ବଢାଯାଇପାରିବ ।

- ଗଚ୍ଛିତ ଥିବା ତଥ୍ୟ ବା ସଙ୍ଗେ ସଙ୍ଗେ ମିଳିଥିବା ତଥ୍ୟକୁ ନେଇ ଗଠନ କରାଯାଇଥିବା ନିଷ୍ପତ୍ତି ସଠିକ୍ ବୋଲି କୁହାଯାଇନପାରେ । ତେଣୁ ଏହା ଉପରେ ଅନ୍ଧଭାବେ ବିଶ୍ୱାସ କରି ନଯାଇ ଆମକୁ ପ୍ରଥମେ ସମସ୍ତେ ସାମ୍ଭାବ୍ୟ ଫଳାଫଳ ବିଷୟରେ ସଚେତନ ହେବାକୁ ପଡିବ । ସମାଲୋଚନାମୂଳକ ଓ ସୃଜନାତ୍ମକ ଚିନ୍ତନ ହିଁ ସବୁଠାରୁ ନିର୍ଭୁଲ ତଥ୍ୟ ପ୍ରଦାନ କରିଥାଏ ଯାହା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ ।

- ଗୋଟିଏ ପରିସ୍ଥିତିକୁ ଉପରଠାଉରିଆ ଦେଖିଦେଇ / ତା'ର ଅଙ୍କିତ ମୂଲ୍ୟକୁ କେବେବି ବିଚାର କରନାହିଁ । ସର୍ବଦା ବିଭିନ୍ନ ସମ୍ଭାବନା ଉପରେ ପ୍ରଶ୍ନ ପଚାରି ସନ୍ଦେହ ଦୂର କରିବାକୁ ସାହାସ ରଖ । ସମାଲୋଚନାଧର୍ମୀ ଚିନ୍ତନ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଆମପାଇଁ ଠିକ୍ କି ନାହିଁ ଜାଣିହେବ ।

- ନମନୀୟତା ହିଁ ଏକମାତ୍ର ଚାବିକାଠି ହେବା ଆବଶ୍ୟକ । ଯେହେତୁ ନିଷ୍ପତ୍ତି ଗ୍ରହଣ କରିବାରେ ଅନେକ ପ୍ରଚେଷ୍ଟା / ଉଦ୍ୟମ ସାମିଲ ହୋଇଛି, ଜଣେ ନିଜ ନିଷ୍ପତ୍ତି ପ୍ରତି ଅନୁଗତ ହେବାର ସମ୍ଭାବନା ରହିଥାଏ । ଯଦି ଅଧିକ ଉତ୍ତମ ଫଳାଫଳ ପାଇବା ପାଇଁ ସେହି ନିଷ୍ପତ୍ତିକୁ ପରିବର୍ତ୍ତନ କରିବା ଆବଶ୍ୟକ ପଡେ ତେବେ ସର୍ବଦା ତା' ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ । ପ୍ରଥମ ନିଷ୍ପତ୍ତିରେ ବାନ୍ଧିହୋଇ ନରହିବା ପାଇଁ ସମାଲୋଚନାଧର୍ମୀ ଚିନ୍ତନ ସହାୟତା କରିଥାଏ ।

- ନିଷ୍ପତ୍ତି ନେବା ସମୟରେ ଜଣେ ସମସ୍ତ ସାମ୍ଭାବ୍ୟଚୟନ ଗୁଡ଼ିକୁ ବିଚାର କରିବା ଆବଶ୍ୟକ ।

ସେ କେବେବି ଭାବିବ ନାହିଁ ଯେ କେବଳ ଯେଉଁ ସମ୍ଭାବ୍ୟତା ଗୁଡ଼ିକ ଜଣାଅଛି । କେବଳ ସେତିକି ହିଁ ସାମ୍ଭାବ୍ୟତା ରହିଛି । ଏହିଭଳି ପରିସ୍ଥିତିରେ ସମାଲୋଚନା ମୂଳକ ଓ ସୃଜନାତ୍ମକ ଚିନ୍ତନ ହିଁ ବ୍ୟବହାର ଯୋଗ୍ୟ ।

**ନିଜ ଅଗ୍ରଗତିର ଆକଳନ:-**

**୬. ଯୁକ୍ତି ସଂଗତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ସ୍ତରଗୁଡ଼ିକ ବର୍ଣ୍ଣନା କର ।**

ଉତ୍ତମ ଭାବୁକ ହେଉଛି ଉତ୍ତମ ନାଗରିକ । ଯେହେତୁ ଶିଶୁମାନେ ହେଲେ ଆସନ୍ତା କାଲିର ନାଗରିକ, ଶିଶୁମାନଙ୍କୁ ଠିକ୍ /ଉଚିତ୍ ନିଷ୍ପତ୍ତି ନେବାପାଇଁ ସକ୍ଷମ କରାଇଲେ ପୃଥିବୀର ଭବିଷ୍ୟତ ସେମାନଙ୍କ ହାତରେ ନିରାପଦ ଓ ସୁରକ୍ଷିତ ରହିବ ।

## ୪.୭. ଶ୍ରେଣୀଗୃହରେ ଶିକ୍ଷାର୍ଥୀ ମାନଙ୍କର ପ୍ରଶ୍ନ କରିବା କୌଶଳ ବୃଦ୍ଧି କରିବା:-

ଆମେ ସମସ୍ତେ ଆବଶ୍ୟକତା ପାଇଁ, ପ୍ରଶ୍ନ କରିଥା'ନ୍ତି । ପ୍ରଶ୍ନ କରିବା ହେଉଛି ଯୋଗାଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ପିଲାଙ୍କୁ ଉତ୍ତର ଦେବା ଶିଖାଇବା ପରିବର୍ତ୍ତେ କିପରି ପ୍ରଶ୍ନ ପଚାରିବା ଶିକ୍ଷା ଦେବା ଉଚିତ୍ । ତା' ପରେ ସେମାନେ ନିଜେ ତା'ର ଉତ୍ତର ଆବିଷ୍କୃତ କରିବେ ।

### ୪.୭.୧. ପ୍ରଶ୍ନ କରିବା କୌଶଳ ଗୁଡ଼ିକ କ'ଣ ?

ଏହା ହେଉଛି ଜଣେ ବ୍ୟକ୍ତିର କୌଣସି ପରିସ୍ଥିତି ବସ୍ତୁ, ଧାରଣା କିମ୍ବା କଳ୍ପନା ଉପରେ ପ୍ରଶ୍ନ ତିଆରି କରିବା ଓ ଉତ୍ତର ଦେବାର କ୍ଷମତା । ଏହା ହୁଏତ ବ୍ୟକ୍ତି ନିଜେ ତିଆରି କରିଥାଏ ଅଥବା ଅନ୍ୟ ବ୍ୟକ୍ତିଙ୍କ ଠାରୁ ପାଇଥାଏ ।

ଏହା ମଧ୍ୟରେ ଉଚ୍ଚସ୍ତର ର ପ୍ରଶ୍ନ ଓ ନିମ୍ନ ସ୍ତର ର ପ୍ରଶ୍ନ ରହିଥାଏ । ନିମ୍ନସ୍ତରର ପ୍ରଶ୍ନ ସ୍ମୃତିଶକ୍ତି ପ୍ରୟୋଗ ଦ୍ୱାରା ତଥ୍ୟ ମନେ ପକାଇବା ପାଇଁ ଆବଶ୍ୟକ ହୋଇଥାଏ । ଏହା ବ୍ୟକ୍ତିର ଜ୍ଞାନର ସ୍ତରକୁ ନେଇ କାର୍ଯ୍ୟ କରିଥାଏ । ଉଚ୍ଚସ୍ତରର ପ୍ରଶ୍ନ ଗୁଡିକ ତଥ୍ୟକୁ କେବଳ ମନେ ପକାଇବା ପରିବର୍ତ୍ତେ କାର୍ଯ୍ୟକାରୀ କରିବାରେ ମଧ୍ୟ ସହାୟତା କରିଥାଏ । ଏହା ବ୍ୟକ୍ତିର ବୁଝିବା, ପ୍ରୟୋଗ କରିବା, ବିଶ୍ଳେଷଣ କରିବା, ସଂଶ୍ଳେଷଣ କରିବା ଏବଂ ତଥ୍ୟ ମୂଲ୍ୟାୟନ କରିବା ସକ୍ଷମତା ଉପରେ ନିର୍ଭର କରିଥାଏ । ଉଚ୍ଚ ସ୍ତରର ପ୍ରଶ୍ନ ଗୁଡିକ ଦୁଇପ୍ରକାର । ଯଥା:- ବର୍ଣ୍ଣନାତ୍ମକ ପ୍ରଶ୍ନରେ ବ୍ୟକ୍ତି ପର୍ଯ୍ୟବେକ୍ଷଣ କରିଥାଏ ଏବଂ ଆଦର୍ଶ ଚିତ୍ର, ପ୍ରଦର୍ଶନ, ମାନଚିତ୍ର, ଲେଖଚିତ୍ର ଓ ଟେବୁଲ ଆଦି ପ୍ରୟୋଗ ଦ୍ୱାରା ବର୍ଣ୍ଣନା କରିଥାଏ । ତୁଳନାତ୍ମକ ପ୍ରଶ୍ନରେ ବ୍ୟକ୍ତି ଦୁଇଟି ବା ତତୋଧିକ ବସ୍ତୁ କିମ୍ବା ଧାରଣାକୁ ପରୀକ୍ଷଣ କରେ ଏବଂ ତଥ୍ୟ ଗୁଡିକୁ ବ୍ୟବହାର କରି ସେଥିରୁ ସମାନତା ଓ ବିବିଧତା ବାଛିଥାଏ ।

ଅନ୍ୟପଟେ ପ୍ରଶ୍ନ ଗୁଡିକ ଏକମୁଖୀ ହୋଇପାରେ ବା ବହୁମୁଖୀ ହୋଇପାରେ । ଏକମୁଖୀ ପ୍ରଶ୍ନ ଗୁଡିକର କେବଳ ଏକମାତ୍ର ସଠିକ୍ ଉତ୍ତର ରହିଥାଏ ଏବଂ ବହୁମୁଖୀ ପ୍ରଶ୍ନ ଗୁଡିକର ଏକାଧିକ ଉତ୍ତର ଥାଇପାରେ ।

### ୪.୭.୨. ଶିଶୁଙ୍କ ଠାରେ ପ୍ରଶ୍ନ କରିବାର କୌଶଳ ବୃଦ୍ଧି କରାଇବା ।

ପ୍ରଶ୍ନ କରିବା ହେଉଛି କଥନ ଓ ଶ୍ରବଣ କୌଶଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ତେଣୁ ଏହି କୌଶଳ ଗୁଡିକ ପ୍ରାକ୍ ଓ ପ୍ରାଥମିକ ସ୍ତରରୁ ଶିକ୍ଷାର୍ଥୀଙ୍କୁ ଶିକ୍ଷା ଦେବା ଆବଶ୍ୟକ । ଏହି କୌଶଳ ଗୁଡିକ ପ୍ରାକ୍-ପ୍ରାଥମିକ ଓ ପ୍ରାଥମିକ ସ୍ତରରୁ ବିକଶିତ ହେବା ଆରମ୍ଭ କରିଥାଏ । ଶିଶୁ ର ଯୋଗାଯୋଗ କୌଶଳର ଗୁଣବତ୍ତା, ତା'ର ପାଖ ପରିବେଶ ସହିତ ଥିବା ସମ୍ପର୍କ ଉପରେ ଅନେକ ଅଂଶରେ ନିର୍ଭର କରିଥାଏ । ସମାଲୋଚନାମୂଳକ ଚିନ୍ତନର ବିକାଶ ନମ୍ନନ୍ତେ ପ୍ରଶ୍ନ କରିବା ଏବଂ ସନ୍ଦେହ ପଚାରିବା ର ପ୍ରବୃତ୍ତି ହେଉଛି ମୂଳ ପ୍ରକ୍ରିୟା ।

### ୪.୭.୩. ଶିକ୍ଷା କ୍ଷେତ୍ରରେ ପ୍ରଶ୍ନ କରିବା କୌଶଳର ବ୍ୟବହାର:-

ପ୍ରଶ୍ନ କରିବାର କୌଶଳ ଶିକ୍ଷକଙ୍କୁ ଶ୍ରେଣୀଗୃହ ପ୍ରଦର୍ଶନ ଯୋଜନ ଫଳପ୍ରଦ ଭାବେ ପ୍ରସ୍ତୁତ କରିବାରେ, ଗୃହକାର୍ଯ୍ୟ ପରିକଳ୍ପନା କରିବାରେ କଏବଂ ପରୀକ୍ଷା କରିବାରେ ସହାୟତା କରିଥାଏ । ଏହା ମଧ୍ୟ ତାଙ୍କୁ ଉଦ୍ଦେଶ୍ୟ ବା ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିଥାଏ । ପ୍ରଶ୍ନ କରିବା କୌଶଳ ଦ୍ୱାରା ହେଉଥିବା ଅନ୍ୟାନ୍ୟ କାର୍ଯ୍ୟାବଳୀ ଗୁଡିକ ହେଲା - ଆଗ୍ରହ ସୃଷ୍ଟି କରିବା, ପୂର୍ବରୁ ଥିବା ଭୁଲ ଧାରଣା ଗୁଡିକ ଦୂର କରିବା, ମୂଲ୍ୟାୟନ କରିବା, ଚିନ୍ତନକୁ ପଥପ୍ରଦର୍ଶନ କରିବା, ଶୃଙ୍ଖଳିତ ପରିଚାଳନା, ଅନିଚ୍ଛୁକ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ କାର୍ଯ୍ୟରେ ସମ୍ପୃକ୍ତିକୁ ପ୍ରୋତ୍ସାହିତ ଦେବା, ଶିକ୍ଷାର୍ଥୀର ଦୁର୍ବଳତା ଓ ସବଳତାକୁ ଚିହ୍ନଟ କରିବା, ଶିକ୍ଷାର୍ଥୀଙ୍କ ଆଗ୍ରହ ପ୍ରତି ଅନ୍ତର୍ଦୃଷ୍ଟି ଧାରଣ କରିବା, ତଥ୍ୟକୁ ସଂକ୍ଷିପ୍ତ କରିବା, ଶିକ୍ଷାର୍ଥୀଙ୍କୁ ପ୍ରତିପୃଷ୍ଟି ଯୋଗାଇଦେବା ଇତ୍ୟାଦି ।

### ୪.୭.୪. ପ୍ରଶ୍ନ କରିବାର ଉପକାରିତା:-

ପ୍ରଶ୍ନ ଏବଂ ପ୍ରଶ୍ନ କରିବାର କୌଶଳ ଶିକ୍ଷାର୍ଥୀଙ୍କ ହାସଲ କରିବାର କ୍ଷମତା, ମନୋବୃତ୍ତି ଓ ଚିନ୍ତନ କୌଶଳକୁ ପ୍ରଭାବିତ କରିଥାଏ । ପ୍ରଶ୍ନର ସ୍ତର ସେହି ସମାନ ସ୍ତରର ଉତ୍ତର ମଧ୍ୟ ଲାଭ କରିଥାଏ । ପ୍ରଶ୍ନ କରିବା କୌଶଳର ଗୋଟିଏ ଉପକରିତା ହେଉଛି - ଏହା ନମନୀୟ ଏବଂ ବିଶାଳଭାବେ ପ୍ରୟୋଗାତ୍ମକ । ଏହି କୌଶଳ ଗୁଡିକ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ଦ୍ୱାରା ବ୍ୟବହାର ଯୋଗ୍ୟ । ଶିକ୍ଷାର୍ଥୀମାନେ ଏହି କୌଶଳର ବିକାଶ ନିମନ୍ତେ କୌଣସି ଶିକ୍ଷକଙ୍କ ସାହାଯ୍ୟ ନେଇ ପାରିବେ ଅଥବା ନିଜେ ମଧ୍ୟ ଏପରି କରିପାରିବେ ।

### ୪.୭.୫. ଶ୍ରେଣୀଗୃହରେ ଶିକ୍ଷାର୍ଥୀର ପ୍ରଶ୍ନ କରିବାର କୌଶଳକୁ ବଢାଇବାର ନିୟମ ସମୂହ:-

ଟିପ୍ପଣୀ

ଟିପ୍ପଣୀ

- ବିଶ୍ୱାସର ଏକ ପରିବେଶ ସୃଷ୍ଟି କରିବା ଓ ପ୍ରଶ୍ନ ପଚାରିବାପାଇଁ ଉତ୍ସାହିତ କରିବା
- ବହୁମୁଖୀ ପ୍ରଶ୍ନ ଗୁଡିକୁ ପଚାରିବା ପାଇଁ ପ୍ରେରଣା ଯୋଗାଇବା
- ହଁ, ନାହିଁ ଦ୍ୱାରା ଉତ୍ତର କରାଯାଉଥିବା ପ୍ରଶ୍ନ ଗୁଡିକର ପରିମାଣ କମ୍ କରିବା
- ଠିକ୍ ଉତ୍ତର ଉପରେ ଆଲୋଚନା ବନ୍ଦ କରିବା ନାହିଁ ।
- ପ୍ରଶ୍ନ ପଚାରିବା ଓ ଉତ୍ତର କହିବା ମଧ୍ୟରେ ଥିବା ଅପେକ୍ଷାର ସମୟକୁ ୫ ସେକେଣ୍ଡ୍ ପର୍ଯ୍ୟନ୍ତ ବୃଦ୍ଧି କରିବା ।
- ଏକ ଉତ୍ତମ ସାମୟିକ ବିରତି ପ୍ରଦାନ କରିବା ।
- ସଂବେଦନଶୀଳ ଶ୍ରବଣ କୌଶଳର ବିକାଶ କରିବା ।
- ନିରବ ସମୟକୁ ବିକାଶ କରାଇବା ।
- ବିକାଶ ସ୍ତର ଉପଯୋଗୀ ଉପଯୁକ୍ତ ପ୍ରଶ୍ନ ଗୁଡିକୁ ପ୍ରଶଂସା କରିବା / ପ୍ରେରଣା ଦେବା
- ଆଦର୍ଶ ଉତ୍ତମ ପ୍ରଶ୍ନ କରିବା କୌଶଳ ଜାଣିବା ।
- ଏକ ପ୍ରେରଣାତ୍ମକ ଭାବେ ଉତ୍ତର ଦେବା / ଜବାବ ଦେବା ।
- ଆଲୋଚନା ନିମନ୍ତେ କୌତୂହଳପ୍ରଦ ପ୍ରସଙ୍ଗ ବାଛିବା ।

### ୪.୮. ଚିନ୍ତନ କୌଶଳ ର ବିକାଶରେ ବିଦ୍ୟାଳୟ ଏବଂ ଶିକ୍ଷକଙ୍କ ର ଭୂମିକା:-

ଶିକ୍ଷା ହେଉଛି ମନୁଷ୍ୟ ବିକାଶର ଏକ ପ୍ରକ୍ରିୟା । ଚିନ୍ତନ ଶକ୍ତି ଦ୍ୱାରା ମନୁଷ୍ୟର ବୌଦ୍ଧିକ ଓ ମାନସିକ ବିକାଶ ସମ୍ଭବ ହୋଇଥାଏ । ଚିନ୍ତନ ପ୍ରକ୍ରିୟା ର ବିକାଶ ନିମନ୍ତେ ଜଣେ ଶିକ୍ଷକ ତାଙ୍କର ଶିକ୍ଷାର୍ଥୀମାନଙ୍କୁ ଠିକ୍‌ଭାବେ ବୁଝିବା ଆବଶ୍ୟକ । ଚିନ୍ତନଶକ୍ତି ବିକାଶ ନିମିତ୍ତ ଶିକ୍ଷାଦାନ ଓ ଶୈକ୍ଷିକ ସୂଚନାର ଯୋଜନା ଓ ପରିକଳ୍ପନା କରାଯାଇଥାଏ । ନିମ୍ନ ଉପକରଣ ଗୁଡିକ ଚିନ୍ତନ କୌଶଳର ବିକାଶ ନିମନ୍ତେ ବ୍ୟବହାର କରାଯାଇଥାଏ ।

- ଅଧ୍ୟାପନା ଏବଂ ଅନୁଦେଶ ଉଦ୍ଦେଶ୍ୟ
- ପାଠ୍ୟକ୍ରମ ର ବିକାଶ
- ପାଠ୍ୟପୁସ୍ତକ ଏବଂ ଶିକ୍ଷାଦାନ ସମ୍ବନ୍ଧୀୟ ସାମଗ୍ରୀ ପ୍ରସ୍ତୁତି ।
- ଶିକ୍ଷାଦାନ ପଦ୍ଧତି ଏବଂ ଶିକ୍ଷାଦାନ କୌଶଳ
- ଆଦର୍ଶ ଶିକ୍ଷାଦାନ
- ମୂଲ୍ୟାୟନ ଏବଂ ନିଦାନ ।
- ପ୍ରତିକାରକ ଶିକ୍ଷାଦାନ ଏବଂ ଶିକ୍ଷଣ ସୂଚନା ।

### ୪.୮.୧.ଶିକ୍ଷକମାନେ କିପରି ଶିଶୁର ଚିନ୍ତନ କୌଶଳର ବୃଦ୍ଧି କରାଇପାରିବେ ?

- ଉଭୟ ବୈଷୟିକ ଜ୍ଞାନ ଏବଂ ଚିନ୍ତନ କୌଶଳକୁ ବିକଶିତ କରିବା ନିମନ୍ତେ ପ୍ରଶ୍ରୟ ଦେଉଥିବା ଶିକ୍ଷାଦାନ,

କୌଶଳ ବ୍ୟବହାର କରିବା ।

- ଯେତେବେଳେ ଶିକ୍ଷାର୍ଥୀଟି କୌଣସି ପ୍ରକାର କାର୍ଯ୍ୟରେ ସଫଳତା ଲାଭ କରୁଛି, ସେତେବେଳେ ତାକୁ ସଫଳତା ପାଇବା ପାଇଁ ସମର୍ଥ କରାଇଥିବା ଚିନ୍ତନ ସ୍ତର ଉପରେ ତା'ର ଧ୍ୟାନକୁ କେନ୍ଦ୍ରିଭୂତ କରାଇବ ।

- ଶିକ୍ଷାର୍ଥୀ ଯାହା କରୁଛି ତାହା ଫଳପ୍ରଦ କି ନାହିଁ ଚିନ୍ତା କରିବା ପାଇଁ ପ୍ରେରଣା ଦେବା ଏବଂ ସେହି ପ୍ରକ୍ରିୟା ଗୁଡିକର ନାମକରଣ କରିବା ।

- ଶିକ୍ଷାର୍ଥୀ ଚିନ୍ତନ କରୁଥିବା ସମୟରେ ନିଜ ସହ କଥା ହେବା ପାଇଁ ପ୍ରେରଣା ଯୋଗାଇବା ପ୍ରାଥମିକ ସ୍ତରରେ ଶିକ୍ଷାର୍ଥୀମାନେ ହୁଏତ ଉଚ୍ଚସ୍ୱରରେ ନିଜସହ କଥା ହୋଇପାରନ୍ତି, ମାତ୍ର ସମୟ କ୍ରମେ ସେମାନେ ନୀରବ ଭାବରେ କଥା ହେବା ପାଇଁ ସମର୍ଥ ହୋଇପାରିବେ ।

- ଶିକ୍ଷାର୍ଥୀମାନଙ୍କୁ ସାଧାରଣ କୌଶଳ ଶିଖିବା ନିମନ୍ତେ ସାହାଯ୍ୟ କରିବା । ଯାହା ଫଳରେ ସେମାନେ ଏହି କୌଶଳ ଏବଂ କାର୍ଯ୍ୟଦ୍ୱାରା ଅଭିଭୂତ ନ ହୋଇ ଅବସର ସମୟକୁ ସେମାନଙ୍କୁ ଚିନ୍ତନ ପ୍ରକ୍ରିୟା ବା କୌଶଳକୁ କେନ୍ଦ୍ରିତ କରିବାରେ ବ୍ୟୟ କରିପାରିବେ ।

- କେବଳ କୌଶଳ ସମ୍ବନ୍ଧୀୟ ଜ୍ଞାନ ଉପରେ ଗୁରୁତ୍ୱାରୋପ ନକରି ସେହି କୌଶଳ କାହିଁକି ଉପାଦେୟ ଏବଂ କିପରି ବ୍ୟବହାର କରିବା ତାହା ଜାଣିବା ଆବଶ୍ୟକ ।

- ଚିନ୍ତନ କୌଶଳର ବୋଧଶକ୍ତି ସଂକ୍ରାନ୍ତୀୟ ଉପାଦାନ ସହିତ ବ୍ୟକ୍ତିତ୍ୱ ଦୃଷ୍ଟିକୋଣରୁ ମଧ୍ୟ ଧ୍ୟାନ ଦେବା ଉଚିତ୍ ।

- ଶିକ୍ଷାର୍ଥୀ ମାନଙ୍କୁ ଦଳ ମଧ୍ୟରେ କାର୍ଯ୍ୟକରିବା ପାଇଁ ପ୍ରେରଣା ଯୋଗାଇବା, ଯାହା ଫଳରେ ସେମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିପାରିବେ ଏବଂ ଚିନ୍ତନର ମୂଲ୍ୟାୟନ କରି ବିଭିନ୍ନ ଚିନ୍ତନ କୌଶଳର ତୁଳନାତ୍ମକ ପ୍ରଭାବ ଜାଣି ପାରିବେ ।

### ୪.୮.୨. ଶିଶୁର ଚିନ୍ତନ କୌଶଳ ବିକାଶ ନିମନ୍ତେ ବିଭିନ୍ନ ଶ୍ରେଣୀଗୃହ କାର୍ଯ୍ୟାବଳୀ :-

ସୂଚନା ଅଛି ଯେ, ମସ୍ତିଷ୍କ ବ୍ୟାୟମ ଭଳି କାର୍ଯ୍ୟାବଳୀ ଗୁଡିକ ଚିନ୍ତନ କୌଶଳ ବିକାଶର ମୂଳଦୁଆ ସ୍ଥାପନ କରିବା ପାଇଁ ଅତ୍ୟନ୍ତ ଆବଶ୍ୟକ । ଏପରି କାର୍ଯ୍ୟାବଳୀ ଗୁଡିକ ଶିଶୁର ବିଦ୍ୟାଳୟ ଯିବାର ପ୍ରାଥମିକ ଅବସ୍ଥାରୁ ବ୍ୟବହାର କରାଯାଇପାରିବ । ଏହି କାର୍ଯ୍ୟାବଳୀ ଗୁଡିକ ଶିକ୍ଷାର୍ଥୀଙ୍କୁ ଅନେକ ଗୁଡିଏ ପନ୍ଥା ରେ ଭାବିବାକୁ / ଚିନ୍ତନ କରିବାକୁ ପ୍ରେରଣା ଯୋଗାଇଥାଏ ।

ଯେତେବେଳେ ଶିକ୍ଷାର୍ଥୀମାନେ ସେମାନଙ୍କ ମତପୋଷଣ କରିବା ପାଇଁ ଆତ୍ମବିଶ୍ୱାସୀ ହୋଇଯାନ୍ତି: ସେତେବେଳେ ଯାଇ ଶିକ୍ଷକ ଚିନ୍ତନ ଶକ୍ତି କୁ ପ୍ରଖର କରିବା ନିମନ୍ତେ ପ୍ରଶ୍ନ କରିବାର କୌଶଳ ବ୍ୟବହାର କରିପାରିବେ ।

ଶିଶୁର ବିଭିନ୍ନ ବିଷୟରେ ଚିନ୍ତନ ଦକ୍ଷତାର ଅଭିବୃଦ୍ଧି ନିମନ୍ତେ ଅନେକଗୁଡିଏ ଶିକ୍ଷାଦାନ କୌଶଳ ବଛାଯାଇଅଛି ।

ଯେପରି :- ଅଲଗା ଶବ୍ଦଟିକୁ ବାଛ (Oddone out) ଶିକ୍ଷାଦାନ କୌଶଳ ଦ୍ୱାରା ଶିକ୍ଷାର୍ଥୀର ମୁଖ୍ୟ ଧାରଣା ଉପରେ ଥିବା ବୋଧଶକ୍ତିକୁ ମପାଯାଇ ପାରିବ । ଶିକ୍ଷକ ପଢାଇଥିବା / ଦେଇଥିବା ଜ୍ଞାନ ଏବଂ ଶିକ୍ଷାର୍ଥୀ ପ୍ରୟୋଗ



ଟିପ୍ପଣୀ

କରିପାରୁଥିବା ଜ୍ଞାନ ମଧ୍ୟରେ ଥିବା ଶୂନ୍ୟସ୍ଥାନ / ଦୂରତାକୁ ଏହି କୌଶଳଦ୍ୱାରା ଦୂର କରାଯାଇ ପାରିବ । ଏହି ପନ୍ଥା ଚିନ୍ତନ ଏବଂ ଯୁକ୍ତିକୁ ପ୍ରେରଣା ଯୋଗାଇଥାଏ ।

ଯେତେବେଳେ ଶିଶୁଟିଏ ପ୍ରଭାବଶାଳୀ ଚିନ୍ତନର ଅଭ୍ୟାସ ଶିକ୍ଷା ପାଇଥାଏ, ସେତେବେଳେ ସେ ଆତ୍ମବିଶ୍ୱାସର ସହ ବଢିଥାଏ । ଏହାପରେ ଶିକ୍ଷଣ ସମୃଦ୍ଧ ହୋଇଥାଏ ଏବଂ ଶିଶୁଟି ଭବିଷ୍ୟତରେ ଆସୁଥିବା ଆହ୍ୱାନ ଗୁଡିକ ପାଇଁ ଉତ୍ତମ ଭାବେ ପ୍ରସ୍ତୁତ ହୋଇଥାଏ ।

**୪.୯.ସାରାଂଶ: ବିଜ୍ଞାନର ବିଶ୍ୱ କହିଲେ କିଛି ନୁହେଁ ବରଂ ଏହା ଏକ ଦୈନନ୍ଦିନ ଚିନ୍ତନର ପରିଶୋଧନ**
– Albert Einstein

ଚିନ୍ତନ ଦକ୍ଷତା ବିକାଶର ଉପକାରିତା ହେଉଛି ବହୁବିଧ । ଜଣଙ୍କର ଚିନ୍ତନ ଦକ୍ଷତାର ବିକାଶ ହେବା ଦ୍ୱାରା: - ସେ ଉପଲବ୍ଧି (achievement) କରିପାରିବ, ସଫଳ ହୋଇପାରିବ, ସାମାଜିକ ଜୀବନରେ ଉଜ୍ଜ୍ୱଳତା ଆଣିପାରିବ, ଅର୍ଥନୈତିକ, ସାମାଜିକ ଏବଂ ଆବେଗିକ ପରିପକ୍ୱତା ମଧ୍ୟ ହାସଲ କରିପାରିବ ।

ଜଣକର ଚିନ୍ତନ ଦକ୍ଷତାର ବିକାଶ , ତାର ଉଗ୍ର / ଆକ୍ରମଣାତ୍ମକ ପ୍ରବୃତ୍ତି, ଖରାପ ପ୍ରବୃତ୍ତି, ଏବଂ ଅନ୍ୟ ନକାରାତ୍ମକ ବ୍ୟବହାରକୁ ସୃଜନାତ୍ମକ ଏବଂ ଗଠନାତ୍ମକ ଦକ୍ଷତାକୁ ରୂପାନ୍ତରିତ କରିପାରିବ । Dr. Edward de Bonoଙ୍କ ମତରେ ଯେତେବେଳେ ବିଦ୍ୟାଳୟର ପିଲାମାନେ ଫଳପ୍ରଦ ଭାବେ ଚିନ୍ତନ କରିବାକୁ କୁହାଯାଏ / ଶିଖାଯାଏ,ସେତେବେଳେ ସେମାନଙ୍କର ମନ୍ଦ ପ୍ରବୃତ୍ତ ଏବଂ ଉଗ୍ର / ଆକ୍ରମଣାତ୍ମକ ପ୍ରବତ୍ତି ଧିରେ ଧିରେ ହ୍ରାସ ପାଇଥାଏ । ନିଦାନିକ ମନୋବିଜ୍ଞାନୀମାନେ ମଧ୍ୟ ମତପୋଷଣ କରିଛନ୍ତି ଯେ ଯେତେବେଳେ ଜଣେ ପାଗଳ / ମାନସିକ ବିକୃତ ବ୍ୟକ୍ତିଙ୍କୁ ଫଳପ୍ରଦଭାବେ ଚିନ୍ତନ କରିବା ପାଇଁ ଶିଖାହେଲା, ସେ ଦେଖାଉଥିବ ଅସ୍ୱାଭାବିକ ବ୍ୟବହାର ଧିରେ ଧିରେ ହ୍ରାସ ପାଇଲା । ଗବେଷକମାନେ ପ୍ରମାଣିତ କରିଛନ୍ତି ଯେ ଚିନ୍ତନ ହେଉଛି ଏକ ଦକ୍ଷତା ଯାହା ପ୍ରଶିକ୍ଷଣ ଏବଂ ଅଭ୍ୟାସ ଦ୍ୱାରା ବୃଦ୍ଧି କରାଯାଇପାରିବ । ଏହାଛଡା ଏହା ସମସ୍ତ ପୌଢ ଏବଂ ଶିକ୍ଷକମାନଙ୍କର ମୁଖ୍ୟ ଦାୟିତ୍ୱ ହେଉଛି ସେମାନେ ପିଲାମାନଙ୍କର ଚିନ୍ତନ ଦକ୍ଷତାକୁ ପ୍ରସ୍ଫୁଟିତ କରିବେ, ଗୋଟିଏ ଉତ୍ତମ ବିଶ୍ୱ ଏବଂ ପ୍ରସିଦ୍ଧ ଚିନ୍ତକ ସୃଷ୍ଟି କରିବା ପାଇଁ ।

**୪.୧୦. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର:-**

୧. ଜ୍ଞାନ, ବୋଧ, ପ୍ରୟୋଗ ହେଉଛି ଆଧାର / ନିମ୍ନତର ସ୍ତରର ଚିନ୍ତନ ଦକ୍ଷତା ଏବଂ ବିଶ୍ଳେଷଣ, ସଂଶ୍ଳେଷଣ, ମୂଲ୍ୟାୟନ ହେଉଛି ଉଚ୍ଚତର ସ୍ତରର ଚିନ୍ତନ ଦକ୍ଷତା ।

୨. ସଂବେଦୀପ୍ରେରକ ପର୍ଯ୍ୟାୟ, ପ୍ରାକ୍ ସଂକାର୍ଯ୍ୟଧର୍ମୀ ପର୍ଯ୍ୟାୟ, ମୂର୍ତ୍ତ ସଂକାର୍ଯ୍ୟଧର୍ମୀ ପର୍ଯ୍ୟାୟ ଏବଂ ଔପଚାରିକ ସଂକାର୍ଯ୍ୟଧର୍ମୀ ।

୩. ଜ୍ଞାନାତ୍ମକ ଗବେଷଣା କେନ୍ଦ୍ର ଚିନ୍ତନ ସାଧନୀଗୁଡିକ ହେଉଛି ଫଳାଫଳ ଏବଂ ପରିଣାମ (C & S: Consequence and sequel), ଲକ୍ଷ୍ୟ, ଉଦ୍ୟମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ (AGO: Aims, Goals, Objectives), ଅନ୍ୟ ଲୋକମାନଙ୍କର ମନ୍ତବ୍ୟ (OPV: Other People's Views), ବୈକଳ୍ପିକ / ବିକଳ୍ପ, ସମ୍ଭାବ୍ୟତା, ମନୋନୟନecti(APC: Alternatives, Possibilities Choices), ଯୁକ୍ତ, ବିଯୁକ୍ତ, ଚିତାକର୍ଷକ(PMI: Plus, Minus, Interesting), ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା (FIP: First Important Priorities) ଏବଂ ସମସ୍ତ ଉପାଦାନକୁ ବିଚାର କରିବାiti(CAF: Consider All Factors)



ଟିପ୍ପଣୀ

୪. ନୀଳ ରଙ୍ଗର ଟୋପି ନିୟନ୍ତ୍ରଣ ପ୍ରକ୍ରିୟା, ଚିନ୍ତନ ବିଷୟରେ ଚିନ୍ତନ: ( thinking about thinking) ଉପରେ ଗୁରୁତ୍ୱ ଦେଇଛି ।

୫. ପ୍ରସ୍ତୁତି, ଉଷ୍ମାୟନ, ଆଲୋକନ, ମୂଲ୍ୟ ନିର୍ଦ୍ଧାରଣ ଏବଂ ପୁନଃ ପରୀକ୍ଷଣ

୬. ପରିସ୍ଥିତି ଏବଂ ଆବଶ୍ୟକୀୟ ଫଳାଫଳ, ଗବେଷଣା ଏବଂ ବିକଳ୍ପ ଚିହ୍ନଟ କରିବା, ବିକଳ୍ପକୁ ତୁଳନା ଏବଂ ବୈଷମ୍ୟ ଦେଖିବା ସହିତ ଏହାର ଫଳାଫଳ ତର୍ଜମା କରିବା, ଉପଯୁକ୍ତ ବିକଳ୍ପ ବାଛିବା, କାର୍ଯ୍ୟ ଯୋଜନା ସମ୍ପାଦନ କରିବା ଏବଂ ଫଳାଫଳ ମୂଲ୍ୟାୟନ ଇତ୍ୟାଦିକୁ ବର୍ଣ୍ଣନା କରିବା ।

## ୪.୧୧. ପାଠାନ୍ତ ପ୍ରଶ୍ନାବଳୀ:

୧. ସୃଜନଶୀଳ ଚିନ୍ତନ ବିକାଶ ନିମନ୍ତେ ବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ଲେଖ ।

୨. ପିଲାମାନଙ୍କର ନିମ୍ନ ସ୍ତରର ଚିନ୍ତନ ଦକ୍ଷତା ଯଥା ଜ୍ଞାନ, ବୋଧ, ପ୍ରୟୋଗ ଏବଂ ଉଚ୍ଚତର ସ୍ତରର ଚିନ୍ତନ ଦକ୍ଷତା ଯଥା ବିଶ୍ଳେଷଣ, ସଂଶ୍ଳେଷଣ ଏବଂ ମୂଲ୍ୟାୟନକୁ ପରୀକ୍ଷା କରିବା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ କର ।

୩. ଶ୍ରେଣୀ 'A' ଏବଂ 'B' କୁ ଗୋଟିଏ ପ୍ରସଙ୍ଗ ନେଇ ପୂର୍ବ-ପରୀକ୍ଷଣ କର । ପିଲାମାନଙ୍କର ଉପଲବ୍ଧ ସ୍ତରକୁ ଲିପିବଦ୍ଧ କରିରଖ । 'A' ଶ୍ରେଣୀ ପିଲାମାନଙ୍କର ପାଇଁ ମାନସ ଚିତ୍ରଣ (Mind mapping) କୌଶଳ ବ୍ୟବହାର କର ନାହିଁ । କିନ୍ତୁ'B' ଶ୍ରେଣୀ ପିଲାମାନଙ୍କ ପାଇଁ କୌଣସି କୌଶଳ ବ୍ୟବହାର କରାଯିବ ନାହିଁ ।କିଛି ସମୟ ବ୍ୟବଧାନ ପରେ ଉଭୟ 'A' ଓ 'B' ଶ୍ରେଣୀ ପିଲାମାନଙ୍କୁ ନେଇ ପରବର୍ତ୍ତୀ - ପରୀକ୍ଷଣ କର । ଉଭୟ ଶ୍ରେଣୀର ପିଲାମାନଙ୍କ ମଧ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହେଉଛି କି ନାହିଁ ଲିପିବଦ୍ଧ କର ।

## ୪.୧୨. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ


- Fleetham Mike How to create and develop a thinking classroom.
- Caviglioli Oliver and Harris Ian; Reading out to all Thinker Network Press.
- Caviglioli Oliver, Harris Ian, and Tindall Bill; Thinking Skill and Eye Q, Network Press.
- Margan T clifford, king A Richard, Weiz R John, and Schopler John; Introduction to Psychology 7th edn, (1993), Tata Mc Graw hill Edition.
- Baron R A; Psychology 3rd edn, (1996), Prentice Hall of India Pvt Ltd.
- Sharma R A; Fundamentls of Educational Psychology, (2002), Surya Publication, Meerut.
- Fleetham Mike; How to Create and develop a thinking classroom.
- Caviglioli oliver, Harris Ian; Reaching out to all Thinkers, and Tindall Bill; Network Press.
- Margon T clifford, king A Richard, Weiz, R John, and Schopler John; Introduction to Psychology 7th edn, (1993), Tata Mc Graw hill Edition.
- Baron RA; Psychology 3rd edn (1996), Prentice Hall of India Pvt Ltd.
- Sharma R A; Fundamentals of Educational Psychology, (2002), Surya publication, Meerut
- Adey, P. and Shayer,M.(2002)Learning Intelligence Buckingham: Open University Press.

ଟିପ୍ପଣୀ

Blood, B. & Krathwohl, D.R. (1956) Taxomony of Educational Objectives, hand book 1: Cognitive Damain. New York: David McKay

- Buzan, T. (1974/ 1993) Use your, London: BBC Publications. See also www. iMindMap.com.
- CaviglioniO. & HarrisI. (2000) Mapwise: accelerated learning through visible thiking, Network Educational Press.
- Claxton G. (2002) Building Learing Power: helping young people become better learners, TLO, Bristol
- Coffield, F., Moseley, D., Hall, E. & Ecclestone, K. (2004) Should we be using learing styles. What reserch has to say practice, London: Learing Skills and Development Agency de Bono E. (1990) Six Thinking Hats, London: Penguin;
- DfEE (1999) The National Curriculum: Handbook for primary teachers in England , London; QCA (www. nc.uk.net)
- DfES (2004) Primary National Strategy(www.standards.dfes.gov.uk)
- Fisher R. Stories for Thinking (1996),Games for thinking(1997) Poems for thinking (1997)first stories for thinking (1999), first poems for thinking(2000) values for thinking (2001)Oxford: Nash Pollock:
- Fisher R. (2003) Teaching Thinking: Philosophical Enquiry in the Classroom, London: Continuum
- Fisher R. (2005)(2 nded) Teaching Children to Think, Cheltenham: Stanley Thornes
- Fisher R. (2005)(2 nded) Teaching Children to Learn, Cheltenham: Stanley Thornes
- Goleman D (1995) Emotional Intelligence New York: Bantam
- Garden H (1993); Multiple Intelligence: The theory in practice Basic Books New York;
- Higgins, S. Baumfield, V. & Leat, D (2001) Thinking Primary Teaching Cambridge: Chris Kington.
- Lipman, M. (2003) (2nd Ed.) Thinking in Educational Cambridge: Cambridge University Press
- McGuinness, C. (1999) From Thinking Skills to thinking classrooms: a review and evaluation of approaches for developing pupils' thinking, London: DfEE, (Research Report RR 115).
- Piaget J. (1953) The Origins of Intelligence in Children London: Routledge & Kegan Paul
- Smith, A. (2002) The Brains's Behind It, Stafford: Network Education Press
- Wegerif, R. (2002) Literature review in thinking skills, technology and learningwww.nestafuturelab.org
- Fisher R. 'Thinking Skills', in Arthur J, Grainger T & Wray D(eds) Learning to teach in primary school, RoutledgeFalmer

" Uncovering Students' Thinking about Thinking Using Concept Maps"- a paper prepared for the AERA Conference, March 2008.

- Cultivating a Culture of Thinking in Museums Ron Ritchhart, "Cultivating a Culture of

ଟିପ୍ପଣୀ


Thinking in museums," Journal of Museum Education 32, no. 2 (Summer 2007):137-54.

- Schools Need to Pay More Attention to "Intelligence in the Wild" David N. Perkins, Harvard Education Letter (May / June 2000)
- David N. Perkins and others, "Intelligence in the Wild": A Dispositional View of Intellectual Traits, " Educational Psychology Review 12, no. 3 (2000): 269-93.
- Shari Tishaman, " Why Teach Habits of MInd?" in Discovering and Exploring Habits Mind, ed. Arhur L. Costa and BenaKallick Alexandria, VA: ASCD, 2000), 41-52.

Ron Ritchhart and David N. Perkins, "Life in the Mindful Classroom: Nurturing the Disposition of Mindfulness, " Jounal of Social Issues 56, no. 1 (2000), 27-47.

- ShariTiShaman & Patricia Palmer. "Works of art are a good thing to think about: A study of the impact of the Artful Thinking program on students' concepts of thinking. In Evaluating the Impact of Arts and Cultural Education. Paris: Centre Pompidou, 89-101.
- ShariTishman. "The object of their attention". Education Leadership, February 2008. 65 (5) pp. 44-46
- Susan Barahal. "Thinking about Thinking: Preservice teachers stregthen their thinking artfully". Phi Delta Kappan, 90 (4). pp. 298-302
- David N. Perkins, SmartSchools: Better Thinking and Learning for Every Child (New York: The Free Press, 1995).
- David N. Perkins, The Intelligent Eye: Learning To Think by Looking at Art (Santa Monica, CA: The Getty Center for Educaation in the Arts, 1994).
- Ron Rithhart, Intellectual Character: What It Is, Why It Matters, and How to Get It (San Francisco, Ca: Jossey -Bass, 2002).
- Shari Tishaman, David N. Perkins, Eileen Jay, The Thinking Classroom: Teaching And learning in a Culture of Thinking (Needhan, MA: Allyn & Bacon, 1995).
- Tina Grotzer, Laura Howick, ShariTishaman and Debra Wise, Art Works for Schools: A Curriculum for Teaching Thinking In and Through the Arts. (Lincoln, MA: DeCordovaMuseum and Sculpture Park, 2002).

http://www.simerr.educ.utas.edu.au/numeracy/thinking_strategies/thinking_strategies.htm

http://johnkapeleris.com/blog/wp-cntent/uploads/2010/10/Six-Thinking-Hats1.jpg

http://medical-dictionary.the freedictionary.com

http://www/houstonisd.org/StudentSupportServices/Home/Safe&DrugFreeSchool/AntiBully/ReflectieThinking.pdf

http:/www.liberty.edu/media/2003/wirtingwithInductiveStrategy.pdf

http://www.audiblox2000.com/logical-thinking.htm

ଟିପ୍ପଣୀ

http://www.liberty.edu/media/2030/Writing%20with%20Deducative%20Strategy.pdf

http://www.positivehealth.com/permit/Articles/Mind_Matters/mapp18b.jpg

http://school.familyeducation.com/gifted-education/congnitive-psychology/38660.html

http://www.criticalthinking.org/

http://www.teachingthinking.net/thinking/web%20resources/rpbert_fisher_thinkingskills.htm

http://school,familyeducation.com/gifted-education/cognitive-psychology/38660.html

http:http:www.pbs.org/whoechild/abc/cognitive.html

http://www.teachingexpertise.com/articles/fostering-young-childrens-thinking-skills-3193

http://education.calumet.purdue.edu/vockell/edPsybook/Edpsy7/edpsy7_development.htm

http://en.wikipedia.org/wiki/Convergent_thinking

http:/www.wisegeek.com/what-is-convergent-thinking.htm

http://en.wikepedia.org/wiki/Critcal_thinking

http://www.criticalthinking.org/pages/critical-thinking-in-everyday-life....

download.microsoft.com/download/A/6/4/...../CriticalThinking.pd

http://tweenparenting.about.com/od/educationissues/a/Convergent-Thin

http://ezinearticles.com/?How-To-Develop-Your-Critical-Thinking-Ski

www.sydney.edu.au/stuserv/documents/learning_centre?critical.pdf

http://www.decision-making-confidence.com/six-step-decision-making....

http://www.psychology4all.com/Thinking.htm

http://www.muskingum.edu/~cal/database/general/questioning.html

http://www.teachingexpertise.com/articles/higher-lever-questioning-skil

http://www.best-personal-growth-resources.com/divergent-thinking.html

http://faculty.washington.edu/ezent/imdt.htm

http://en.wikidedia.org/wiki/Divergent_thinking

http://www.copyblogger.com/mental-blocks-creative-thinking

http://www.virtualsalt.com/crebook1.htm

http://www.learner.org/workshops/socialstudies/pdf/session6/

6.ClassroomQuestioning.pdf

www.slideshare.net/zaid/thinking-tools-231143

http://www.muskingum.edu/~cal/database/general/problem.html

## ୪.୧୩ ପାଠାନ୍ତ ପ୍ରଶ୍ନାବଳୀ:

୧. ତୁମ ଶ୍ରେଣୀରେ ପିଲାମାନଙ୍କର ସୃଜନାତ୍ମକ ଦକ୍ଷତା ସ୍ତର ଜାଣିବା ପାଇଁ ଯେକୌଣସି ଗୋଟିଏ ସୃଜନାତ୍ମକ ଚିନ୍ତନ କୌଶଳ ବ୍ୟବହାର କର ।

୨. Bloom's taxnomony ଙ୍କ ଅନୁସାରେ ତୁମ ବିଷୟରେ ପ୍ରଶ୍ନ ପତ୍ର ପ୍ରସ୍ତୁତ କର ଏବଂ ତୁମ ଶ୍ରେଣୀରେ ଏହାକୁ ଆଲୋଚନା କର ।

୩. ଗୋଟିଏ ପ୍ରାକ୍-ପରୀକ୍ଷଣ(Pre-test) ପ୍ରସ୍ତୁତକର ଏବଂ ପରେ ଶ୍ରେଣୀରେ ଛାତ୍ରଛାତ୍ରୀମାନଙ୍କ ଚିନ୍ତନ କୌଶଳ ଉଦ୍ଦୀପିତ କରିବାପାଇଁ କେତେକ କୌଶଳ ବ୍ୟବହାର କର । କିଛିଦିନ ପରେ ସେମାନଙ୍କ ଚିନ୍ତନ ବିକାଶଫଳରେ ସେମାନଙ୍କଠାରେ ବିକଶିତ ହୋଇଥିବା କୃତିକୁ ଜାଣିବାପାଇଁ ଏକ ପରବର୍ତ୍ତୀ - ପରୀକ୍ଷଣ ପରିଚ୍ଳନା କରି, ଦେଖ ।

କେବଳ ଶିକ୍ଷକଙ୍କ ଶିକ୍ଷାଦାନ କାର୍ଯ୍ୟ ଯଥେଷ୍ଟ ନୁହେଁ । ଶିକ୍ଷକ ପିଲାମାନଙ୍କର ପଥପ୍ରଦର୍ଶକ ଓ ଆଦର୍ଶ ବ୍ୟକ୍ତି । ସେ ହେଉଛନ୍ତି ପ୍ରକୃତ ବ୍ୟକ୍ତି ଯିଏକି ଛାତ୍ରଛାତ୍ରୀଙ୍କଠାରେ ଉତ୍ତମ ମୂଲ୍ୟବୋଧ ଓ ବାସ୍ତବ ଭାବନା ସୃଷ୍ଟି କରିପାରିବ ସେମାନଙ୍କଠାରେ ପରିବର୍ତ୍ତନ ଆଣି ଭବିଷ୍ୟତରେ ଜଣେ ଦାୟିତ୍ୱ ସମ୍ପନ୍ନ ନାଗରିକ ଭାବେ ଗଢି ତୋଳିବା ପାଇଁ ଶିକ୍ଷକ ଅତ୍ୟନ୍ତ ସମର୍ଥ । ଯେଉଁମାନେ ସ୍ନେହୀ, ପ୍ରିୟ ଏବଂ ପିଲାମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣକୁ ବିକଶିତ କରିବାପାଇଁ ଉଦ୍ଦୀପିତ କରନ୍ତି ସେହି ଶିକ୍ଷକମାନଙ୍କ ଦ୍ୱାରା ପିଲାମାନଙ୍କର ସଶକ୍ତିକରଣ ସମ୍ଭବ ।